ଏଠାରେ ଗୋଟିଏ ବିଷୟ ମନକୁ ଆସେ । ଭାରତର ଐତିହ୍ୟ ଏବଂ ସଂସ୍କୃତି ସମ୍ପର୍କରେ ଅନେକେ ଗୌରବାନ୍ୱିତ ହେଉଥିବା ବେଳେ ବାସ୍ତବରେ ତାହା ପ୍ରତିଦିନ ଜୀବନରେ ଦେଖିବାକୁ ମିଳୁନାହିଁ । ଭାରତୀୟଙ୍କ ଚରିତ୍ରରେ ସାହସିକତାର ଘୋର ଅଭାବ ରହିଛି ବୋଲି କୁହାଯାଇପାରେ । ଏହି ଦେଶରେ ଜୋର ଯା'ର ମୁଲକ ତା'ର ଧ୍ୱନିକୁ ଦେଖିଲେ ବୁଝାପଡ଼େ ଯେ ବ୍ୟକ୍ତିଗତ ସାହସ ନୁହେଁ, ଗୋଷ୍ଠୀବଦ୍ଧ ହୋଇ ଜୁଲମ କରିବା ହୋଇଗଲାଣି ଆମ ସମସ୍ତଙ୍କ ଚରିତ୍ର । ଗ୍ରାମାଞ୍ଚଳକୁ ଦେଖିଲେ ଯେଉଁ ପରିବାରରେ ପାଞ୍ଚ ସାତ ଜଣ ଶକ୍ତିଶାଳୀ ପୁତ୍ର, କକା କିମ୍ବା ଦାଦା ଥିବେ, ସେହି ପରିବାର ସମଗ୍ର ଗାଁ ଉପରେ ଅକ୍ତିଆର କରି ବସିପାରୁଛି । କେବଳ ସେତିକି ନୁହେଁ, ମହିଳାମାନଙ୍କୁ ଅସଦାଚରଣ ଏବଂ ଦୁର୍ବଳଙ୍କ ପ୍ରତି ଅନ୍ୟାୟ କଲେ ମଧ୍ୟ ଅନ୍ୟମାନେ ନିରବତାର ସହ ବାଟ ଆଡ଼େଇ ପଳେଇ ଯାଉଛନ୍ତି । ଅସାମାଜିକ ବ୍ୟକ୍ତିମାନଙ୍କ ପାଇଁ ଏକଜୁଟ ହେବା ଆମର ସାମାଜିକ ବାସ୍ତବତା ପାଲଟିଲାଣି । ସମ୍ଭବତଃ ସେଥିପାଇଁ ଦିଲ୍ଲୀ କଚେରିରେ ମଧ୍ୟ କେହି ପ୍ରଶ୍ନ କରିବାକୁ ନାହାନ୍ତି ଯେ କେଉଁ କାରଣରୁ ଓକିଲମାନେ ଏକାଠି ହୋଇ ପୋଲିସ ଉପରେ ଆକ୍ରମଣ କଲେ । ଅନ୍ୟପଟେ ଶାନ୍ତି ରକ୍ଷା କରିବା ପରିବର୍ତ୍ତେ ଏବଂ ପ୍ରୟୋଜନ ହୋଇଥିଲେ ସେହି ସ୍ଥାନରୁ ଓହରି ଯିବା ଭଳି କାର୍ଯ୍ୟ କରିବାକୁ ପୋଲିସ ମଧ୍ୟ ଅନିଚ୍ଛୁକ । କେହି କାହାଠାରୁ କମ୍ ନୁହେଁ ବୋଲି ଦେଖେଇ ହେବା ହେଉଛି ଆଧୁନିକ ଭାରତର ଚରିତ୍ର । ଆଜି ଦିଲ୍ଲୀ, ଗତ କିଛିମାସ ପୂର୍ବେ ଓଡ଼ିଶା ଏବଂ ଭବିଷ୍ୟତରେ ଅନ୍ୟ କେଉଁଠି ମଧ୍ୟ ଏହିଭଳି ଅସହିଷ୍ଣୁତାର ଚିତ୍ର ଗ୍ୟାଙ୍ଗ ଯୁଦ୍ଧରେ ଦେଖିବାକୁ ମିଳିବ ।

# ପ୍ଲାଷ୍ଟିକ୍ ପଞ୍ଜାରେ ପୃଥିବୀ

ଡ. ପ୍ରଫୁଲ୍ଲ କୁମାର ସାହୁ

ପରିବେଶ ପ୍ରଦୂଷଣ କହିଲେ ଆଗେ ଧୂଆଁ ଦ୍ୱାରା ବାୟୁ ଏବଂ ସହରୀ ଓ କାରଖାନା ବର୍ଜ୍ୟ ଦ୍ୱାରା ଜଳ ପ୍ରଦୂଷଣକୁ ନେଇ ବ୍ୟାପକ ଚର୍ଚ୍ଚା ହେଉଥିଲା, ମାତ୍ର ଏବେ ତାକୁ ପଛରେ ପକେଇଦେଇଛି ପ୍ଲାଷ୍ଟିକ ଦ୍ୱାରା ସର୍ବତ୍ର ପ୍ରଦୂଷଣ । ଯେଉଁ ଜୈବିକ ରାସାୟନିକ ପଦାର୍ଥରେ ପ୍ଲାଷ୍ଟିକ ତିଆରି ହେଉଛି, ବିଜ୍ଞାନ ଭାଷାରେ ତାକୁ କୁହାଯାଉଛି ପଲିମର୍ ଏବଂ ପରିବେଶ ପ୍ରତି ତାହା ଅତ୍ୟନ୍ତ ବିପଜ୍ଜନକ । ୧୯୩୩ ମସିହାରେ ଇଂଲଣ୍ଡର ନର୍ଥଉଇଚଠାରେ ଥିବା ଏକ ରାସାୟନିକ କାରଖାନାରୁ ପ୍ରଥମେ ଆବିଷ୍କୃତ ହୋଇଥିଲା ପଲିଥିନ୍ ନାମକ ପଲିମର୍ । ତା' ପରଠୁ କାଠ, କାଗଜ ଓ ଅନ୍ୟାନ୍ୟ ଧାତୁର ଉପଯୋଗ ହ୍ରାସ କରିବା ପାଇଁ ବୃଦ୍ଧିପାଇଲା ପ୍ଲାଷ୍ଟିକ୍‌ର ଉତ୍ପାଦନ ଓ ବ୍ୟବହାର । ପ୍ଲାଷ୍ଟିକ୍‌ରେ କଳଙ୍କି ଲାଗେନି ଏବଂ ଏହା ତାପ ଓ ବିଦ୍ୟୁତ୍ କୁପରିବାହୀ ହୋଇଥିବାରୁ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସେ ଆଧିପତ୍ୟ ବିସ୍ତାର କଲା ବିକଳ୍ପହୀନ ଭାବରେ । ସାଧାରଣତଃ କାଠ ବା ଧାତୁନିର୍ମିତ ସାମଗ୍ରୀଠାରୁ ପ୍ଲାଷ୍ଟିକ୍ ଶସ୍ତା, ସୁନ୍ଦର ଓ ହାଲୁକା ହୋଇଥିବାରୁ ଦୈନନ୍ଦିନ ଜୀବନରେ ତା'ର ବ୍ୟବହାର ଏତେ ସହଜ, ଆରାମଦାୟକ ଓ ଚମକପ୍ରଦ ହେଲା ଯେ ଉପଭୋକ୍ତାଙ୍କଠାରୁ ଉତ୍ପାଦନକାରୀ ଯାଏ କେହି ଚିନ୍ତା କଲେନି ପରିବେଶ ଉପରେ ପଡୁଥିବା ତା'ର ପ୍ରତିକୂଳ ପ୍ରଭାବ କଥା । ତେଣୁ ପାଦରେ ଚପଲଠୁ ଆରମ୍ଭକରି ମଥାରେ ଟୋପି ପର୍ଯ୍ୟନ୍ତ ଆମର ସବୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି ହେଲା ପ୍ଲାଷ୍ଟିକ୍‌ରେ । ସକାଳୁ ଉଠି ଦାନ୍ତ ଘଷିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଆମର ଜୀବନଚର୍ଯ୍ୟା ସହିତ ଓତପ୍ରୋତ ଭାବରେ ଯୋଡ଼ି ହୋଇଗଲା ପ୍ଲାଷ୍ଟିକ । ସବୁକୁ ଟପିଗଲା ପ୍ଲାଷ୍ଟିକ ବ୍ୟାଗ୍, ପାଣି ବୋତଲ ଓ ପ୍ଲାଷ୍ଟିକ୍ ପ୍ୟାକିଂ ଖାଦ୍ୟପଦାର୍ଥ । ଭାଇରସ୍ ଭଳି କାୟା ବିସ୍ତାର କଲା ପ୍ଲାଷ୍ଟିକ୍ ପାଉଚ । ଆମ ଜୀବନଧାରାକୁ ସମ୍ପୂର୍ଣ୍ଣ ଗ୍ରାସ କରିଗଲା ୟୁଜ୍ ଆଣ୍ଡ୍ ଥ୍ରୋ ସଂସ୍କୃତି ।

ପ୍ଲାଷ୍ଟିକ୍ ବ୍ୟାଗର ପ୍ରଚଳନ ପରେ ଅବସାନ ହେଲା ହାତରେ କପଡ଼ା ବ୍ୟାଗ୍ ଧରି ବଜାରକୁ ଯିବାର ଯୁଗ । ଯାହା କିଛି କିଣିଲେ ବି ପଲିଥିନ୍ ଥଳିରେ ପୂରାଇ ହାତକୁ ବଢ଼ାଇଦେଲା ଦୋକାନୀ । ଆଉ ରହିଲାନି ବ୍ୟାଗ୍ ଧୋଇବା ଓ ମରାମତି କରିବା ଚିନ୍ତା । ପ୍ଲାଷ୍ଟିକ୍ ବ୍ୟାଗ୍‌ର ଚାହିଦା ବଢ଼ିବା ସହିତ ସ୍ୱତଃ ମୃତ୍ୟୁବରଣ କଲା ଠୁଙ୍ଗା ଶିଳ୍ପ । ଜୀବିକା ହରାଇ ବସିଲେ ଠୁଙ୍ଗା ତିଆରି କରି ପେଟ ପୋଷୁଥିବା ଅନେକ ଶ୍ରମଜୀବୀ । ପ୍ଲାଷ୍ଟିକ୍ ଡବା ଓ ବୋତଲର ପ୍ରଚଳନ ପରେ ଉଭାନ ହୋଇଗଲା ଟିଣଡବା ଓ କାଚ ବୋତଲ ଇତ୍ୟାଦି । ଗାଁ ଗଣ୍ଡାରେ ଆଉ ଦେଖିବାକୁ ମିଳିଲାନି ଗରା, ମାଠିଆ ଓ ଗଡୁ । ଭୋଜିଭାତ ବେଳେ ପ୍ଲାଷ୍ଟିକ୍ ପ୍ଲେଟ୍ ଓ ଗ୍ଲାସ୍‌ର ଚାହିଦା ଆଗରେ କୋଣଠେସା ହୋଇ ରହିଗଲା କଦଳୀ ପତ୍ର, ପଦ୍ମପତ୍ର ଓ ଶାଳପତ୍ର ତିଆରି ଖଲି ଓ ପତ୍ରଠୋଲା । ଭୋଜିପର୍ବ ପରେ କିନ୍ତୁ କେହି ଚିନ୍ତା କରେନି ଗଦାଗଦା ହୋଇ ପଡ଼ିଥିବା ପ୍ଲାଷ୍ଟିକ୍ ଆବର୍ଜନା ଉଠାଇବା କଥା । ଏସବୁ ଖରାଦିନେ ପବନରେ ଉଡ଼େ ଏବଂ ବର୍ଷାଦିନେ ପାଣିରେ ଭାସିବୁଲେ ଏଣେତେଣେ । ପ୍ଲାଷ୍ଟିକ୍ କପ୍‌ର ଦ୍ରୁତ ପ୍ରସାର ଯୋଗୁ ଚା ଦୋକାନରେ ଆଉ ରହିଲାନି ଗ୍ଲାସ୍ ବା କପ୍ ଧୋଇବାର ଝିନ୍‌ଝଟ । ଏଥିରେ ଖୁସିହେଲେ ଉଭୟ ଗରାଖ ଓ ଦୋକାନୀ । ମାତ୍ର ରାସ୍ତାକଡ଼ରେ ପଡ଼ିରହିଲା ଗଦାଗଦା ପ୍ଲାଷ୍ଟିକ୍ । ଫାଷ୍ଟଫୁଡ଼ ଦୋକାନଠାରୁ ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ସବୁଠି ସୃଷ୍ଟିହେଲା ପଲିଥିନ୍ ପାହାଡ଼ । ସେ ପାହାଡ଼ ତଳେ କେଉଁଠି ମାଟି ଅଦୃଶ୍ୟ ହେଲା ତ କେଉଁଠି ତା'ର ପ୍ରଭାବରେ ଟାଙ୍ଗରା ପାଲଟିଗଲା ସବୁଜ ଖେତ । ପ୍ଲାଷ୍ଟିକ୍ ଆବର୍ଜନାର ବାଧା ଅତିକ୍ରମ କରି ସମ୍ପୂର୍ଣ୍ଣ ନିମ୍ନଗାମୀ ହୋଇପାରିଲାନି ଭୂପୃଷ୍ଠ ଜଳ । ପୁନଃଭରଣା ନ ହୋଇପାରିବା କାରଣରୁ ହ୍ରାସ ପାଇବାକୁ ଲାଗିଲା ଭୂତଳ ଜଳସ୍ତର । ନାଳନର୍ଦ୍ଦମାରେ ପଡ଼ିରହିଥିବା ପ୍ଲାଷ୍ଟିକ୍ ଆବର୍ଜନା ଭିତରେ ବଂଶବୃଦ୍ଧି କରିଚାଲିଲେ ମ୍ୟାଲେରିଆ ଓ ଡେଙ୍ଗୁ ଆଦି ରୋଗର ବାହକ । ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ଅବରୋଧ ହେଲା ନଦୀନାଳର ପଥ । ସୃଷ୍ଟି ହେଲା କୃତ୍ରିମ ବିପର୍ଯ୍ୟୟ । ଏ ସମ୍ପର୍କରେ 'ପ୍ରକୃତିକୁ ଆମେ ଯାହା ଦେଇଥିଲେ (କପ୍, ପ୍ଲେଟ, ବୋତଲ ଆଦି ପ୍ଲାଷ୍ଟିକ ବର୍ଜ୍ୟ) ପ୍ରକୃତି ତାହା ଆମକୁ ଫେରାଇ ଦେଇଛି' ଶୀର୍ଷକ ଏକ ବିମର୍ଶକର ଖବର ଓ ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ଗତବର୍ଷ କେରଳ ବନ୍ୟା ପରେ । ଏଥିରେ ପ୍ରଦର୍ଶିତ ପ୍ଲାଷ୍ଟିକ୍ ଆବର୍ଜନା ଭର୍ତ୍ତି ପୋଲଟି ଥିଲା ଏର୍ନାକୁଲମ୍ ଜିଲାର ମାଲାୟାଟୁର–କୋଡ଼ାନାଡ଼ ପୋଲ । ଆବର୍ଜନା ଦ୍ୱାରା ପୋଲଟି ଏମିତି ଆଚ୍ଛାଦିତ ହୋଇପଡ଼ିଥିଲା ଯେ, ଆଦୌ ଦିଶୁ ନ ଥିଲା ତା'ର କଂକ୍ରିଟ୍ ଅଂଶ । ଅର୍ଥାତ୍ ଏ ବନ୍ୟା ତାଣ୍ଡବ ମୂଳରେ କେବଳ ପ୍ରକୃତିର କ୍ରୋଧ ନ ଥିଲା, ଏଥିସହିତ ଥିଲା ପ୍ଲାଷ୍ଟିକ୍ ଆବର୍ଜନାର ଏକ ବିଶେଷ ଯୋଗଦାନ ।

ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଯୋଗୁ କେବଳ ପରିବେଶ ପ୍ରଦୂଷଣ ନୁହେଁ, ଆମ ଶରୀର ଭିତରେ ବଢ଼ିବାରେ ଲାଗିଛି ପ୍ଲାଷ୍ଟିକ୍ ବର୍ଜ୍ୟର ବିଷ । କିଛିମାସ ତଳେ ଆମେରିକାର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରକାଶ ପାଇଥିବା ଏକ ସୂଚନା ଅନୁସାରେ ୟୁଜ୍ ଆଣ୍ଡ ଥ୍ରୋ କପ୍ ଆମ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ । ଏଥିରେ ଗରମ ଚା ବା କଫି ପିଇଲେ ତା'ର କିଛି ଅଂଶ ତରଳିଯାଇ ପାନୀୟ ସହିତ ମିଶି ପେଟ ଭିତରକୁ ଯାଏ ଏବଂ ଆମ ଶରୀରରେ ସୃଷ୍ଟିକରେ ମାରାତ୍ମକ ରୋଗ । ଆମେ ବ୍ୟବହାର କରୁଥିବା ପଲିଥିନ୍ ଥଳି ବିଶେଷ କରି ମାଛ, ମାଂସ ଓ ଫଳ ଆଣିଲା ବେଳେ ଦୋକାନୀ ଯେଉଁ କଳା ରଙ୍ଗର ପତଳା ପଲିଥିନ୍ ଥଳି ଦେଉଛି, ତାହା ଏତେ ମାରାତ୍ମକ ଯେ ସେଥିରେ ବେଶି ସମୟ ରହିଲେ ବିଷାକ୍ତ ହୋଇଯାଏ ଖାଦ୍ୟ ପଦାର୍ଥ । ବିଶେଷଜ୍ଞଙ୍କ ମତରେ ଏଭଳି ଜରିରେ ରହୁଥିବା ଖାଦ୍ୟପଦାର୍ଥ ନିୟମିତ ଖାଇଲେ ବଢ଼ିଯାଏ କର୍କଟ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା । ଚୁଲା ଗୋରୁ ଓ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଘାତକ ସାବ୍ୟସ୍ତ ହୋଇଛି ପଲିଥିନ୍ । ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନ୍ ଥଳି ଏଣେତେଣେ ପଡ଼ିବା ଦ୍ୱାରା ତାକୁ ଗୋରୁ ଖାଇ ଯାଆନ୍ତି, ଯାହା ତାଙ୍କ ପାକସ୍ଥଳୀରେ ଜମାହୋଇ ବନ୍ଦ କରିଦିଏ ହଜମ ପ୍ରକ୍ରିୟା । ଏହାଦ୍ୱାରା ସେମାନେ ଆଉ ଖାଦ୍ୟ ଖାଇପାରନ୍ତିନି ଓ ମୃତ୍ୟୁବରଣ କରନ୍ତି ଅକାଳରେ । ଗଣମାଧ୍ୟମରେ ପ୍ରକାଶିତ ସୂଚନାନୁସାରେ ଏହି କାରଣରୁ ପ୍ରତିମାସରେ ହାରାହାରି ଦୁଇଟି ଷଣ୍ଢ ମରୁଛନ୍ତି କେବଳ ରାଜଧାନୀ ଭୁବନେଶ୍ୱରରେ । ପ୍ଲାଷ୍ଟିକ୍‌ର ସହନଶୀଳତା ଏତେ ବେଶି ଯେ ଶହଶହ ବର୍ଷ ପର୍ଯ୍ୟନ୍ତ ତା'ର ବିଘଟନ ଘଟେନି ମାଟିରେ । ତାକୁ ନିଆଁରେ ପୋଡ଼ିଲେ ସେଥିରୁ ନିର୍ଗତ ଧୂଆଁ ବି ପଲିଥିନ୍‌ଠାରୁ ଅଧିକ ବିଷାକ୍ତ । ଅଧିକଦିନ ଖରାବର୍ଷା ସଂସ୍ପର୍ଶରେ ଆସିଲେ ପ୍ଲାଷ୍ଟିକ୍ ଭାଙ୍ଗିବାକୁ ଆରମ୍ଭକରେ ଏବଂ କ୍ରମଶଃ ଅତି କ୍ଷୁଦ୍ର ଅଣୁରେ ପରିଣତ ହୋଇ ମିଶିଯାଏ ପାଣି ଓ ପବନରେ । ଅର୍ଥାତ୍ ନଦୀରୁ ପାଇପ୍ ଯୋଗେ ଆସୁଥିବା ଆମ ପାନୀୟ ଜଳ ଏପରି କି ଆମେ ଶ୍ୱାସକ୍ରିୟା କରୁଥିବା ପବନରେ ବି ପ୍ଲାଷ୍ଟିକ୍ ଅଣୁ ଅଦୃଶ୍ୟ ଭାବରେ ବିଦ୍ୟମାନ । ସେହି ଦୂଷିତ ପାଣି ଓ ପବନ ବ୍ୟବହାର କରି ନୀରବ ମୃତ୍ୟୁ ଆଡ଼କୁ ଗତିକରୁଛି ମଣିଷ । ଏବେ ପୃଥିବୀରେ ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ପ୍ଲାଷ୍ଟିକ୍ ଜାହିର କରୁନି ତା'ର ସ୍ଥିତି । ମେରୁ ଅଞ୍ଚଳଠାରୁ ଅତଳ ସମୁଦ୍ର ଯାଏ ପ୍ଲାଷ୍ଟିକ୍ ଆବର୍ଜନାରେ ଅଣନିଃଶ୍ୱାସୀ ହୋଇଗଲାଣି ପୃଥିବୀ । ଗାଁ ସହର ବିଲବାଡ଼ି ରାସ୍ତାଘାଟ ନଈନାଳ ଡେଇଁ ସମୁଦ୍ରକୁ ସମାଧି ବନେଇ ସାରିଲାଣି ଗଦାଗଦା ପ୍ଲାଷ୍ଟିକ୍ ବର୍ଜ୍ୟ । ତଥ୍ୟ କହେ ପ୍ରତି ମିନିଟ୍‌ରେ ସମୁଦ୍ରରେ ମିଶୁଛି ଗୋଟିଏ ଟ୍ରକ୍ ପ୍ଲାଷ୍ଟିକ୍ ବର୍ଜ୍ୟ । ପ୍ଲାଷ୍ଟିକ୍ ଟୁକୁରା ଖାଇ ମୃତ୍ୟୁମୁଖରେ ପଡୁଛନ୍ତି ଅସଂଖ୍ୟ କଇଁଛ, ଡଲଫିନ୍ ଓ ପେଙ୍ଗୁଇନ୍ ଆଦି ସାମୁଦ୍ରିକ ଜୀବ । ପ୍ଲାଷ୍ଟିକ୍ ସଂସ୍ପର୍ଶରେ ଆସିଥିବା ମାଛକୁ ଧରିଆଣି ଖାଇବା ଦ୍ୱାରା ରୋଗକୁ ଆମନ୍ତ୍ରଣ କରୁଛି ମଣିଷ । ଏତଦ୍‌ଭିନ୍ନ ସମୁଦ୍ର ଓ ହ୍ରଦ ଜଳରୁ ପ୍ରସ୍ତୁତ ଲୁଣରେ ବି ମିଶୁଛି ପ୍ଲାଷ୍ଟିକ୍‌କଣିକା । ବଜାରରେ ଉପଲବ୍ଧ ନାମୀଦାମୀ କମ୍ପାନୀର ଲୁଣରେ ମିଳୁଛି ପ୍ଲାଷ୍ଟିକ୍ ଅଣୁର ସନ୍ଧାନ । ଅର୍ଥାତ୍ ଆମକୁ ଚାରିପଟରୁ ଘେରିଗଲାଣି ପ୍ଲାଷ୍ଟିକ୍‌ବଳୟ । ମାଟିପାଣିପବନ ସବୁଥିରେ ଭରିଗଲାଣି ବିଷ । ସାଂଘାତିକ ହେଲାଣି ସ୍ଥିତି । ଏ ସମସ୍ତ ଅସ୍ୱସ୍ତିକର ଖବର ଭିତରେ ଭଲ ଖବରଟି ହେଉଛି ଗତ ଅକ୍ଟୋବର ୨ରୁ ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି ସରକାର । ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଦରକାର କୌଣସି ଦେଶଭକ୍ତିଠାରୁ ବି କିଛି କମ୍ ନୁହେଁ ପରିବେଶ ସୁରକ୍ଷା । ସେଥିପାଇଁ ପରିବେଶ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ । ସେ କହୁଥିଲେ, ସ୍ୱଚ୍ଛ ଭାରତ ହିଁ ସୁଖୀ ଭାରତ ଗଠନର ସମୃଦ୍ଧ ଆଧାର । ଏହି ଆହ୍ୱାନକୁ ନିଷ୍ଠାର ସହିତ ଗ୍ରହଣ କଲେ ପ୍ଲାଷ୍ଟିକ୍ ଦାନବ କବଳରୁ ମୁକ୍ତ ହେବ ମଣିଷ । ଯେହେତୁ ପ୍ଲାଷ୍ଟିକ୍ ଦାନବର ମୃତ୍ୟୁ ନାହିଁ, ତାକୁ ଆମ ଜୀବନଶୈଳୀରୁ ବାଦ୍ ଦେବା ହିଁ ସମୟର ଆହ୍ୱାନ । ଏ ଆହ୍ୱାନ କେବଳ ଓଡ଼ିଶା କିମ୍ବା ଭାରତବାସୀଙ୍କ ପାଇଁ ନୁହେଁ ସମଗ୍ର ମାନବ ଜାତି ପାଇଁ । ଏ ଆହ୍ୱାନକୁ ନିଷ୍ଠାର ସହିତ ଗ୍ରହଣ ନ କଲେ ପ୍ଲାଷ୍ଟିକ୍ ପଞ୍ଜାରୁ କେବେ ବି ମୁକୁଳିପାରିବନି ପୃଥିବୀ ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ– ୯୪୩୮୮୫୫୦୮୮

# ମୋ ସରକାର: ଗାନ୍ଧୀରୁ ନବୀନ

ତୁଷାରକାନ୍ତ

ମହାତ୍ମା ଗାନ୍ଧୀ ଆମ ସମସ୍ତଙ୍କ ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଯାଇଛନ୍ତି– ତାହା ହେଉଛି (୧) ପ୍ରକୃତି ସମସ୍ତଙ୍କ ଚଳିବା ପାଇଁ ଯଥେଷ୍ଟ ଦେଇଛି,

## ସଂକ୍ଷେପରେ

### ବିନା ଲାଇଫ୍ ଜ୍ୟାକେଟ୍‌ରେ ସମୁଦ୍ରକୁ ଯାଉଛନ୍ତି ଆଉଜଣେ ମତ୍ସ୍ୟଜୀବୀ ମୃତ

**ମହାକାଳପଡା, ୩।୧୧ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ଜମ୍ବୁ ମେରାଇନ ଥାନା ଅଧୀନ ବଉଳକଣୀ ପଞ୍ଚାୟତ ଓଲପଦା ଗ୍ରାମର ସୁବାସ ଦାସ (୫୦) ମାଛ ମାରିବାକୁ ଯାଇଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ସମୁଦ୍ର ମଧ୍ୟରେ ଖସିପଡ଼ିଥିଲେ। ରବିବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରକାଶ ଯେ, ସୁବାସ ଅନ୍ୟ କେତେଜଣ ମତ୍ସ୍ୟଜୀବୀଙ୍କ ସହ ପାରାଦୀପ ଅଞ୍ଚଳର ଗାଦିବ୍ରହ୍ମ ନାମକ ଏକ ଟ୍ରଲରରେ ମାଛ ମାରିବା ପାଇଁ ସମୁଦ୍ର ମଧ୍ୟକୁ ଯାଇଥିଲେ। ଶୁକ୍ରବାର ରାତିରେ ଶୌଚ ହେବାକୁ ଯାଇଥିବା ସମୟରେ ସେ ସମୁଦ୍ର ମଧ୍ୟକୁ ଖସି ପଡ଼ିଥିଲେ। କିଛି ସମୟ ପରେ ଅନ୍ୟ ମତ୍ସ୍ୟଜୀବୀମାନେ ଖୋଜାଖୋଜି କରିଥିଲେ ବି ତାଙ୍କ ପତ୍ତା ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ରବିବାର ମାଛ ଜାଲରୁ ସୁବାସଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଅସ୍ତରଙ୍ଗ-ଦେବୀ ମୁହାଣ ସଂଲଗ୍ନ ସମୁଦ୍ର ମଧ୍ୟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ସୂଚନାଥାଉ କି, ଗତ ୪୦ ଦିନ ମଧ୍ୟରେ ମହାକାଳପଡ଼ା ବ୍ଲକ ଅଞ୍ଚଳର ୩ଜଣ ମତ୍ସ୍ୟଜୀବୀଙ୍କର ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ସେମାନେ ହେଲେ ବରଜ ଗ୍ରାମର ବାବୁ ସାମଲ (୫୦), ଜମ୍ବୁ ଦାସପଡା ଗ୍ରାମର ତପନ ଦାସ (୪୮) ଓ ଓଲପଦା ଗ୍ରାମର ସୁବାସ ଦାସ (୫୦)। ମତ୍ସ୍ୟଜୀବୀମାନେ ବିନା ଲାଇଫ୍ ଜ୍ୟାକେଟ୍‌ରେ ବିପଦପୂର୍ଣ୍ଣ ଭାବେ ସମୁଦ୍ରକୁ ମାଛ ମାରିବାକୁ ଯାଇ ପ୍ରାଣ ହରାଉଥିବା ବେଳେ ପ୍ରଶାସନ ଓ ବୋଟ ମାଲିକଙ୍କ ପକ୍ଷରୁ ସେମାନଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦିଆଯାଉନାହିଁ। ଏ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ତେବେ ମୃତକ ମତ୍ସ୍ୟଜୀବୀଙ୍କ ପରିବାରକୁ କ୍ଷତପୂରଣ ପ୍ରଦାନ କରାଯିବାକୁ ଦାବି ହେଉଛି।

### ମାଙ୍କଡ଼ ଉତ୍ପାତରେ ଗ୍ରାମବାସୀ ଭୟଭୀତ

**ଡେରାବିଶ, ୩।୧୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ନରସିଂହପୁର ଗ୍ରାମରେ ଗତ ତିନିମାସ ହେବ ମାଙ୍କଡ଼ ଉତ୍ପାତ ଯୋଗୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ବୟସ୍କ ଲୋକମାନେ ଘରୁ ଠେଙ୍ଗା ବାଡି ଧରି ବାହାରକୁ ଯାଉଥିବା ବେଳେ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲ ଛାଡୁନାହାନ୍ତି। ଗତ ତିନି ମାସ ମଧ୍ୟରେ ସୁଧାଂଶୁ ଭୂଷଣ ପଣ୍ଡା, ଶଙ୍କର୍ଷଣ ଜେନା, ରାଜକିଶୋର ସାହୁ, କାର୍ତ୍ତିକ ଯେନାଙ୍କୁ ମାଙ୍କଡ଼ କାମୁଡ଼ି କ୍ଷତାକ୍ତ କରିଥିବା ବେଳେ ଗ୍ରାମର ପ୍ରବୋଧ କୁମାର ପଣ୍ଡା ଓ ଶଶିମଣି ମିଶ୍ର ଆହତ ହୋଇ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ମାଙ୍କଡ ଦାଉରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ ବି କିଛି ସୁଫଳ ମିଳି ନ ଥିବାରୁ ସୋମବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।

■ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ନିମ୍ନମାନର

# ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତାରୋକୋ

**ଡେରାବିଶ, ୩।୧୧ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡେରାବିଶ ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଛି। ହେଲେ ଅନିୟମିତତା ହେଉଥିବା ନେଇ ରବିବାର ଅରିଓ, ଓଉଖଣ୍ଡ ଓ ସବଳଙ୍ଗ କଣିପଡ଼ା ଗ୍ରାମବାସୀ ରାସ୍ତା କାର୍ଯ୍ୟ ବନ୍ଦ କରିବା ସହ ରାସ୍ତା ଅବରୋଧ କରିଥିଲେ। ତେବେ ସ୍ଥାନୀୟ କେତେଜଣ ଭଦ୍ରଲୋକଙ୍କ ହସ୍ତକ୍ଷେପ ପରେ ରାସ୍ତାରୋକୋ ହଟିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋଲରାହାଟଠାରୁ ବାଲିଆ ପଞ୍ଚାୟତ ଦେଶିପୁର, ଜାଗୁଳେଇପଡ଼ା, ଅରିଓ, ଓଉଖଣ୍ଡ ଓ ପଲେଇ ପଞ୍ଚାୟତ ସବଳଙ୍ଗ କଣିପଡ଼ା ଦେଇ ଯାଇଥିବା ୯ ନଂ. କେନାଲ ବନ୍ଧ ରାସ୍ତା ବ୍ଲକ ମୁଖ୍ୟ ରାସ୍ତା। ଏହି ରାସ୍ତା ଉପରେ ଏଣ୍ଡର, ନରସିଂହପୁର, ଗୋଲରାହାଟ, ବାଲିଆ ଓ ପଲେଇ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭରଶୀଳ। ତେବେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ସମ୍ପୃକ୍ତ ଠିକା ସଂସ୍ଥା ଆରମ୍ଭରୁ ରାସ୍ତା ନିର୍ମାଣରେ ବିଳମ୍ବ କରିବା ସହ ଅତି ନିମ୍ନମାନର ଗୋଡ଼ି ବାଲି ଓ ମୋରମ୍ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ସେମାନଙ୍କ ଦାବି ଅନୁଯାୟୀ, ଏହି ରାସ୍ତାକୁ ଠିକାଦାର ଅଣଓସାରିଆ କରୁଥିବା ବେଳେ ପୂର୍ବରୁ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ନ ଉଠାଇ କାମ କରୁଛନ୍ତି। ଏଥିସହ ନିର୍ମାଣ କାର୍ଯ୍ୟରେ ଅତି ନିମ୍ନମାନର ଗୋଡ଼ି, ବାଲି ବ୍ୟବହାର କରାଯାଉ ଥିବାରୁ ରାସ୍ତାର ସ୍ଥାୟିତ୍ୱ ବେଶିଦିନ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଅରିଓ ଗ୍ରାମର ଉମେଶ ଚନ୍ଦ୍ର ସିଂ, ଯୁବନେତା ଚିତ୍ତରଞ୍ଜନ ରାଉତ, ରବୀନ୍ଦ୍ର କୁମାର ଦାସ ପ୍ରମୁଖ ବହୁ ମହିଳା ରାସ୍ତାରୋକୋରେ ସାମିଲ ଥିଲେ। ତେବେ ସ୍ଥାନୀୟ ଭଦ୍ରଲୋକଙ୍କ ହସ୍ତକ୍ଷେପ ଫଳରେ ଅପରାହ୍ନରେ ରାସ୍ତାରୋକ ହଟିଥିଲା। ବିଭାଗୀୟ ନିର୍ବାହୀଯନ୍ତ୍ରୀ ଓ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଘଟଣାସ୍ଥଳକୁ ଆସି ନିର୍ମାଣ କାର୍ଯ୍ୟ ତଦାରଖ ନ କଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ରାସ୍ତା ଦାୟିତ୍ୱରେ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ, ଭୁବନେଶ୍ୱରସ୍ଥିତ ବିଭାଗୀୟ କାର୍ଯ୍ୟାଳୟରେ ଚାଲିଥିବା ବୈଠକରେ ଥିବାରୁ ମତାମତ ଦେଇପାରିବେ ନାହିଁ ବୋଲି କହିଛନ୍ତି।

ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

## ଅଟୋ ଓଲଟି ୫ ପରୀକ୍ଷାର୍ଥୀ ଆହତ

**ରାଜନଗର, ୩।୧୧ (ଡି.ଏନ୍.ଏ.)**

ମେଧାବୃତ୍ତି ପରୀକ୍ଷା ଦେବାକୁ ଯାଉଥିବା ବେଳେ ଅଟୋ ଓଲଟି ରାଜନଗର ଉଚ୍ଚ ବିଦ୍ୟାଳୟର ୫ଜଣ ୮ମ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ସେମାନେ ହେଲେ ଦେବଦତ୍ତ ସାହୁ, ଶୁଭ୍ରଜିତ ମଲ୍ଲିକ, ରଘୁମଣି ମହାରଣା, ସୋମନାଥ ସେଠୀ, ମୁରଲୀ ମୋହନ ସାହୁ ଆହତ ହୋଇଛନ୍ତି। ସେମାନଙ୍କ ହାତ ଓ ଗୋଡରେ ଆଘାତ ଲାଗିଛି। ସେମାନଙ୍କ ସହ ଯାଇଥିବା ଅଭିଭାବକ ଶତଧନୁ ସେଠୀଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅଟୋଚାଳକ ମଦ୍ୟ ପାନ କର ଗାଡ ଚଳାଉଥିବାରୁ ଦୁର୍ଘଟଣା ଘଟିଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି। ଆହତମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (ଏନଏମ୍‌ଏମ୍‌ଏସ) ଦେବାକୁ ଛାତ୍ରମାନେ କେନ୍ଦ୍ରାପଡା ଠାକୁରପାଟଣାସ୍ଥିତ ସୁଦର୍ଶନ ନୋଡାଲ ବିଦ୍ୟାଳୟକୁ ଯାଉଥିଲେ। ପରୀକ୍ଷା ଦେଇସାରି ଫେରୁଥିବା ବେଳେ ରାଜନଗର-ପଙ୍ଗାମୁଣ୍ଡାଇ ରାସ୍ତାର କୁନ୍ଦୁପୁର ନିକଟରେ ଅଟୋଟି ଓଲଟି ପଡିଥିଲା।

ଅଟୋ ଓଲଟି ପଡ଼ିଛି।

## 'ସାହିତ୍ୟ ଦ୍ୱାରା ସମାଜର ବୈପ୍ଳବିକ ପରିବର୍ତ୍ତନ ସମ୍ଭବ'

ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକଗଣ।

**କେନ୍ଦ୍ରାପଡା ଅଫିସ, ୩।୧୧**

କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁରସ୍ଥିତ ବିରୂପା ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଆମ ଗାଁ, ଆମ ସାହିତ୍ୟ' ଶୀର୍ଷକ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏକାଡେମୀ ସଦସ୍ୟ ଡ. ବାସୁଦେବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଧାୟକ ଶଶିଭୂଷଣ ବେହେରା, ଶିକ୍ଷାବିତ୍ ନନ୍ଦକିଶୋର ପରିଡ଼ା, ଡ. ସଂଗ୍ରାମ କେଶରୀ ରାଉତ, କବି ନିରାକାର ଦାସ, ଅଧ୍ୟକ୍ଷ ଅଭିଜିତ ବୋଷ ଆଲୋଚକ ଭାବେ ଯୋଗଦେଇଥିଲେ। ଆଲୋଚକମାନେ ପ୍ରକାଶ କରିଥିଲେ ଯେ, ସାହିତ୍ୟର ସୃଷ୍ଟି ମାଆଠାରୁ। ଏହା ପରବର୍ତ୍ତୀ ସମୟରେ ଗାଁଠାରୁ ଆରମ୍ଭ ହୋଇ ଦେଶ ବିଦେଶରେ ପ୍ରସାରିତ ହୋଇଥାଏ। ସାହିତ୍ୟ ଓ ସଂସ୍କୃତି ଦେଶର ପରିଚୟ ଦେଇଥାଏ। ଏହି ପରିଚୟକୁ ନଷ୍ଟ କରିବା ପାଇଁ ବହୁ ସମୟରେ ଅପଚେଷ୍ଟା କରାଯାଇଛି। କିନ୍ତୁ ସାହିତ୍ୟର ମୃତ୍ୟୁ ନାହିଁ। ସାହିତ୍ୟ ଦ୍ୱାରା ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିପାରୁଛି ବୋଲି ଆଲୋଚକମାନେ ମତ ଦେଇଛନ୍ତି। ପ୍ରାରମ୍ଭରେ କବି ହେମନ୍ତ ଜେନା ଆଲୋଚନାଚକ୍ର ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ପ୍ରାଧାପିକା ସଂଘମିତ୍ରା ପ୍ରଧାନଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ କବି କରୁଣାକର ଦାସ, ଡ. ନାରାୟଣ ପ୍ରସାଦ ଜେନା, ଶୁଭ୍ରାଂଶୁ ଶେଖର ଦାସ, ରାମକୃଷ୍ଣ ଦାସ ଯୋଗ ଦେଇଥିଲେ। କବି ଡ. ଚାରୁଲତା ଭୂୟାଁ, ଅନୁସୂୟା ମିଶ୍ର ଓ ଆରାଧନା ଦାଶଙ୍କ ସଂଯୋଜନାରେ ୬୦ରୁ ଊର୍ଦ୍ଧ୍ୱ କବିତା ପାଠ ହୋଇଥିଲା।

## ଜିଲା କ୍ରିକେଟ ଖେଳାଳି ସଂଘ କର୍ମକର୍ତ୍ତା ଚୟନ

**କେନ୍ଦ୍ରାପଡା ଅଫିସ, ୩।୧୧**

ଜିଲା କ୍ରିକେଟ ଖେଳାଳି ସଂଘ ବୈଠକ ସହରର ଟାଉନ ବଳରାମପୁରସ୍ଥ ଏକ କଲ୍ୟାଣ ମଣ୍ଡପ ପରିସରରେ ରବିବାର ହୋଇଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତା ଚୟନ କରାଯାଥିଲା। ସଭାପତି ଭାବେ କ୍ଷୀରୋଦ କୁମାର କର ଓ ସମ୍ପାଦକ ଭାବେ ସତ୍ୟପ୍ରକାଶ ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଗାଙ୍ଗେୟ ବିଶ୍ୱାଳ ଓ ରଶ୍ମିରଞ୍ଜନ ସିଂ, ସହ ସମ୍ପାଦକ ରଶ୍ମୀରଞ୍ଜନ ବାରିକ, ଜୀବନ ମହାନ୍ତି, ସଞ୍ଜୟ ଚୌଧୁରୀଙ୍କୁ ଚୟନ କରାଯାଇଛି। କୋଷାଧ୍ୟକ୍ଷ ଭାବେ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ମନୋନୀତ କରାଯାଇଛି। ସଂଘ ଗ୍ରାମାଞ୍ଚଳ କ୍ରିକେଟ ଖେଳାଳୀଙ୍କୁ ଅଗ୍ରାଧିକାର ଦେବ ବୋଲି ସଭାପତି କର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## କଳା ସଂସ୍କୃତି ପ୍ରତିଷ୍ଠାନର ଗାନ୍ଧୀ ଚର୍ଚ୍ଚା

**କେନ୍ଦ୍ରାପଡା ଅଫିସ, ୩।୧୧**

ସହର ନିକଟ ଗୁଆଳସିଂସ୍ଥିତ ଶ୍ରୀବଳଦେବ ଜୀଉ କଳା ସଂସ୍କୃତି ଅନୁଷ୍ଠାନ ପକ୍ଷରୁ 'ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସମ୍ପାଦକ ଅଧ୍ୟାପକ ମୋହନ ଚରଣ ଜେନା, ବିଜୟ ନାୟକ, ରାଜଶ୍ରୀ ଜେନା, ମହେନ୍ଦ୍ର ପଟ୍ଟନାୟକ, ଶୈଳଜା ଶଙ୍କର ସାମଲ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ଗାନ୍ଧିଜୀଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ଅହିଂସାବାଦର ପ୍ରଚାରକ ଭାବେ ଉପସ୍ଥାପିତ କରିଥିଲେ। ଗାନ୍ଧୀ ବିଚାରର ପ୍ରସାର ହେଲେ ଭାରତ ସମେତ ସମଗ୍ର ବିଶ୍ୱରେ ମାନବ ଜାତିର ସୁରକ୍ଷା ଓ ମଙ୍ଗଳ ଦାୟକ ହେବ ବୋଲି ଆଲୋଚକଗଣ ମତ ଦେଇଥିଲେ। ସରପଞ୍ଚ ବଟକୃଷ୍ଣ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋଚନା ଚକ୍ରକୁ ଉଦଘାଟନ କରିଥିଲେ। ଆଦିକନ୍ଦ ରାଉଳ, ଜୟଶ୍ରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ (ପାୱାର୍ ୱିଙ୍ଗ୍)
BHAKRA BEAS NATION'S PRIDE

ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି

ଏନ୍‌ଆଇଟି ନଂ.466/ପିଏଚ୍‌ବି/ପିଓଏଚ୍‌ବି-341 ତାରିଖ: 30.10.2019

କାର୍ଯ୍ୟାଳୟର ନାମ: ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍‌ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-I, ଚଣ୍ଡିଗଡ଼-160002, ଟେଲିଫୋନ୍: 0172-2637035

କାର୍ଯ୍ୟର ନାମ: ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏରଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 05.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 06.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-I) | 06.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ସ୍ୱତନ୍ତ୍ରତା ମୂଲ୍ୟ, ବିଷ୍ଟୃତ ଏନ୍‌ଆଇଟି ଏବଂ ଅମାନତ ରାଶି ତଥା ସବିଶେଷ ଏନ୍‌ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.bbmbeproc.abcprocure.com, www.bbmb.gov.in

372-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ

■ ମାର୍ଶାଘାଇ ବ୍ଲକ, ମେଡିକାଲରେ ଅବ୍ୟବସ୍ଥା

# ରୋଗୀସେବା ଓ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

**ମାର୍ଶାଘାଇ, ୩।୧୧ (ଡି.ଏନ୍.ଏ.)**

ଗ୍ରାମାଞ୍ଚଳବାସୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସକାଶେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ଅନେକ କ୍ଷେତ୍ରରେ ଏହାର ସଫଳ ରୂପାୟନ ହୋଇପାରୁନାହିଁ। କେଉଁଠି କର୍ମଚାରୀ ଅଭାବ ତ ଅନ୍ୟ କେଉଁଠି ଭିତ୍ତିଭୂମି ଅସଜଡ଼ା ଏହାର ପ୍ରମୁଖ କାରଣ ପାଲଟିଛି।

ମାର୍ଶାଘାଇ ବ୍ଲକ ଓ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁ ଅଞ୍ଚଳବାସୀ ନାନା ଅସୁବିଧା ଭୋଗୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଅଧିକାରୀ ଡା. ଅକ୍ଷୟ ଦାସ ଅବସର ନେବା ପରଠାରୁ ତାଙ୍କ ସ୍ଥାନରେ ଜଣେ ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏହି ଦାୟିତ୍ୱ କେନ୍ଦ୍ରାପଡ଼ା ଏଡିଏମ୍‌ଙ୍କ ହାତରେ ରହିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଗୌରୀଶଙ୍କର ଦାସ ପ୍ରଶାସନିକ ଦାୟିତ୍ୱ ତୁଲାଉଛନ୍ତି। ଡାକ୍ତର ଅଭାବ ଥିବା ବେଳେ ଡା. ଦାସ ରୋଗୀ ସେବା କରିବା ପରିବର୍ତ୍ତେ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି।

ସେହିପରି ମାର୍ଶାଘାଇ ବ୍ଲକର ବିଡିଓ ସୁବାଦାର ପ୍ରଧାନଙ୍କର ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ ଓଏଏସ୍‌ସ୍ତରର କୌଣସି ଅଧିକାରୀଙ୍କୁ ଅବସ୍ଥାପିତ କରା ନ ଯାଇ ଏବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଛି। ନଦୀନାଳ ଘେରା ଏହି ବ୍ଲକ ଅଧୀନ ୨୪ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇବାରେ ଅସୁବିଧା ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଗତ ଲକ୍ଷ୍ମୀ ପୂଜା ବେଳେ ବ୍ଲକ ଅଞ୍ଚଳର ଏକ ପୂଜା ମଣ୍ଡପ ନିକଟରେ ମେଡିକାଲରେ ଡାକ୍ତର ସମସ୍ୟା ନେଇ ବାରୁଆଳି ତିଆରି କରାଯାଇଥିଲା। ତେଣୁ ଜନସାଧାରଣଙ୍କ ଅସୁବିଧାକୁ ଦୂର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ମେଡିକାଲ ଓ ବ୍ଲକର ବିଭିନ୍ନ ସମସ୍ୟା ସୁଧାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଉର୍ମିଳା ମିଶ୍ରଙ୍କୁ ପଚାରିବାରେ ସିନିୟର ଡାକ୍ତରଙ୍କ ଅଭାବ ଯୋଗୁ ସ୍ଥାୟୀ ଭାବେ ମେଡିକାଲ ଇନ୍‌ଚାର୍ଜ ନିଯୁକ୍ତ କରାଯାଇପାରୁନାହିଁ ବୋଲି କହିଛନ୍ତି। ସେହିପରି ବିଡିଓ ନିଯୁକ୍ତି ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ଏ ସମ୍ପର୍କରେ ଅବଗତ ଅଛି। ଖୁବ୍‌ଶୀଘ୍ର ଓଏଏସ୍‌ସ୍ତରର ଜଣେ ଅଫିସରଙ୍କୁ ବିଡିଓ ଭାବେ ନିଯୁକ୍ତ କରାଯିବ ବୋଲି କହିଛନ୍ତି।

AUCTION NOTICE

"Unserviceable condemned Technical equipments of SIB, Bhubaneswar are to be disposed off"

Interested parties may inspect the stores to be disposed off during office hours from 10.00 hrs to 13.00 hrs & 15.00 hrs to 18.00 hrs on any working day before 18.11.2019 and submit the sealed quotations by 17.00 hrs on 18.11.2019 along with EMD of Rs. 2,000/- in cash. Quotations will be opened in presence of supervising officers and parties present at 11.30 hrs on 19.11.2019. Quotations of the highest bidder

**ପାକିସ୍ତାନକୁ ଆମେରିକାର ସମାଲୋଚନା**

ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ଭାରତ ପାଇଁ ବିପଦ ହୋଇ ରହିଆସିଥିବା ଆମେରିକା କହିଛି। ଗତ ସାଧାରଣ ନିର୍ବାଚନରେ ପାକିସ୍ତାନ ଲଶ୍କର ସଂଗଠନର କେତେଜଣ ସଦସ୍ୟଙ୍କୁ ପ୍ରାର୍ଥୀ କରିଥିବାରୁ ଆମେରିକା ଏହାର ସମାଲୋଚନା କରିଛି।

ଆଗ୍ରାର ତାଜମହଲ ନିକଟସ୍ଥ ଦଶହରା ଘାଟରେ ଛଟ୍‌ପୂଜା ଅବସରରେ ଉଦୀୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉଛନ୍ତି ମହିଳାମାନେ।

ମେକ୍ସିକୋ ସିଟିରେ ମୃତକଙ୍କ ଦିବସ ପାଳନ ବେଳେ ପ୍ରଦର୍ଶନକାରୀମାନେ ପରେଡ୍‌ରେ ଭାଗନେଇଛନ୍ତି।

## ସଂକ୍ଷେପରେ

### ଶପଥ ନେଲେ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି



**ଭୋପାଳ,୩।୧୧(ପି.ଟି.):** ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଏ.କେ. ମିତ୍ତଲ ରବିବାର ଶପଥ ନେଇଛନ୍ତି। ରାଜଭବନରେ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନ ତାଙ୍କୁ ଶପଥ ପାଠ କରାଇଥିଲେ। ପୂର୍ବରୁ ଜଷ୍ଟିସ୍ ମିତ୍ତଲ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଶପଥ ଗ୍ରହଣ ଉତ୍ସବରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ, ରାଜ୍ୟର ଏକାଧିକ ମନ୍ତ୍ରୀ, ମୁଖ୍ୟ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ନେପାଳର ୭ ରାଜ୍ୟପାଳ ବହିଷ୍କୃତ

**କାଠମାଣ୍ଡୁ,୩।୧୧(ପି.ଟି.):** ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ରବିବାର ସମସ୍ତ ୭ ପ୍ରଦେଶର ରାଜ୍ୟପାଳଙ୍କୁ ବହିଷ୍କାର କରିଛନ୍ତି। ରାଜ୍ୟପାଳମାନଙ୍କୁ ମନ୍ତ୍ରୀ ପରିଷଦର ସରକାରଙ୍କ ସୁପାରିସକ୍ରମେ ସାମ୍ବିଧାନିକ ନିୟମାନୁସାରେ ସେମାନଙ୍କ ପଦବୀରୁ ହଟାଯାଇଛି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବହିଷ୍କୃତ ହୋଇଥିବା ରାଜ୍ୟପାଳମାନେ ହେଲେ ବାହାଦୁର ତୁମହାଙ୍ଗ, ରତ୍ନେଶ୍ୱର କାୟସ୍ଥ, ଅନୁରାଧା କୋଇରାଲା, ବାବୁରାମ କୁୱଁର, ଉମାକାନ୍ତ ଝା, ଦୁର୍ଗା ଖନାଲ ଓ ରତ୍ନେଶ୍ୱର ମଲ୍ଲ। ଦୁଇବର୍ଷ ତଳେ ଶେର୍ ବାହାଦୁର ଦେଉବା ସରକାରଙ୍କ ଅମଳରେ ଏହି ପ୍ରାଦେଶିକ ମୁଖ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା।

### ମାଙ୍କଡ଼ଠାରୁ ପଥର ଖସି ଶିଶୁର ମୃତ୍ୟୁ

**ମୁଜାଫରନଗର,୩।୧୧(ପି.ଟି.):** ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ଅନ୍ତର୍ଗତ ସୋହଜାନି ଗ୍ରାମରେ ୪ ମାସର ଶିଶୁଟି ଘରେ ଶୋଇଥିଲାବେଳେ ମାଙ୍କଡ଼ ଏକ ପଥର ଖସାଇଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ କହିବା ଅନୁଯାୟୀ, ଶନିବାର ଛାତ ଉପରେ ଥିବା ମାଙ୍କଡ଼ଟି ପଥର ଖଣ୍ଡେ ଉଠାଉଥିଲାବେଳେ ତାହା ଖସିପଡିଥିଲା। ତଳ ମହଲାରେ ଶୋଇଥିବା ଶିଶୁ ଉପରେ ଉକ୍ତ ପଥର ଖଣ୍ଡ ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଇତିହାସର ଆଇନାରେ

### ନଭେମ୍ବର ୪ର ପ୍ରମୁଖ ଘଟଣା

୨୦୦୮ ନଭେମ୍ବର ୪ରେ ବାରାକ ଓବାମା ଆମେରିକା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବାରେ ସେ ଥିଲେ ପ୍ରଥମ ଅଣଶ୍ୱେତାଙ୍ଗ।

୧୯୯୫ ନଭେମ୍ବର ୪ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିଝାକ୍ ରବିନଙ୍କୁ ଜଣେ ଉଗ୍ରପନ୍ଥୀ ହତ୍ୟା କରିଥିଲେ। ଏହି ସମୟରେ ଇସ୍ରାଏଲୀ ଓ ପାଲେଷ୍ଟାଇନ ବାସୀଙ୍କ ମଧ୍ୟରେ ସଂଘର୍ଷ ଚାଲିଥିଲା।

# ପ୍ରିୟଙ୍କା ହ୍ୟାକିଂର ଶିକାର

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍‌ରେ ଗୁପ୍ତଚରଗିରିକୁ ନେଇ ବିବାଦ ତେଜିବାରେ ଲାଗିଥିବାବେଳେ କେନ୍ଦ୍ର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି କଂଗ୍ରେସ। ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହ୍ୟାକିଂର ଶିକାର ହୋଇଛନ୍ତି। ପ୍ରିୟଙ୍କାଙ୍କ ଫୋନ୍ ହ୍ୟାକ୍ କରାଯିବା ନେଇ ଏକ ମେସେଜ୍ ତାଙ୍କ ଫୋନ୍‌କୁ ଆସିଥିଲା ବୋଲି ରବିବାର କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଅଭିଯୋଗ ଆଣିବା ପରେ ରାଜନୀତି ସରଗରମ ହୋଇଛି। ଏନ୍‌ସିପି ନେତା ପ୍ରଫୁଲ ପଟେଲ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିକଟକୁ ଫେସ୍‌ବୁକ୍ ମାଲିକାନାରେ ଥିବା ମେସେଜିଂ ପ୍ଲାଟ୍‌ଫର୍ମରୁ ହ୍ୟାକିଂ ମେସେଜ୍ ଆସିବା ନେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ସୁର୍ଜେୱାଲା କହିଛନ୍ତି, ପ୍ରିୟଙ୍କା ଗାନ୍ଧୀଙ୍କ ଫୋନ୍‌କୁ ମଧ୍ୟ ଏକ ହ୍ୱାଟ୍ସଆପ୍ ମେସେଜ୍ ଆସିଥିଲା। ହ୍ୱାଟ୍ସଆପ୍ ପକ୍ଷରୁ ଯେତେବେଳେ ଅନ୍ୟମାନଙ୍କ ପାଖକୁ ହ୍ୟାକିଂ ମେସେଜ୍ ଯାଇଥିଲା, ସେତେବେଳେ ସମାନ ଧରଣର ମେସେଜ୍ ପ୍ରିୟଙ୍କା ମଧ୍ୟ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦିଙ୍କ ଭାଜପା ଅନ୍ୟ ଦଳ ରାଜନେତା ଓ ଲୋକଙ୍କ ଉପରେ ନଜର ରଖିବା ପାଇଁ ଏପରି ଗୁପ୍ତଚରଗିରି କରାଉଥିଲା କି। କ୍ଷମତାରେ ଥିବା ଲୋକେ ଦଣ୍ଡନୀୟ ଅପରାଧରେ ସମ୍ପୃକ୍ତ ଥିଲେ କି। ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ଏହି ବେଆଇନ ସ୍ପାଏୱେର୍‌କୁ ନିୟୋଜିତ କରାଯାଇଥିଲା କି ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଫୁଲ ପଟେଲ କହିଛନ୍ତି, ଫୋନ୍ ହ୍ୟାକ୍ ଅଭିଯୋଗ ଭିତ୍ତିହୀନ। ତାଙ୍କ ପାଖକୁ ଏପରି କୌଣସି ମେସେଜ୍ ଆସିନାହିଁ। ପ୍ରକାଶ ଯେ, ଇସ୍ରାଏଲ୍‌ର ସ୍ପାଏୱେର ପେଗାସସ୍ ପକ୍ଷରୁ ବିଶ୍ୱର ବିଭିନ୍ନ ଦେଶରେ ମାନବାଧିକାର କର୍ମୀ ଓ ଖବରଦାତାଙ୍କ ଉପରେ ନଜର ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨୧ ଜଣ ଭାରତୀୟ ଥିବା ଜଣାପଡ଼ିଥିଲା। ଏନେଇ ଭାରତ ସରକାରଙ୍କୁ ଗତ ସେପ୍ଟେମ୍ବରରେ ହ୍ୱାଟ୍ସଆପ୍ ପକ୍ଷରୁ ଅବଗତ କରାଯାଇଥିଲା। କିନ୍ତୁ ପୂର୍ବରୁ ମିଳିଥିବା ଏ ସଂକ୍ରାନ୍ତ ତଥ୍ୟ ଅପର୍ଯ୍ୟାପ୍ତ ଓ ଅସମ୍ପୂର୍ଣ୍ଣ ଥିଲା ବୋଲି ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ପେଗାସସ୍ ସ୍ପାଏୱେର୍ ନେଇ ଗତ ସପ୍ତାହରେ ସରକାର ସ୍ପଷ୍ଟୀକରଣ ମାଗିଥିବାବେଳେ ମେସେଜିଂ ପ୍ଲାଟ୍‌ଫର୍ମ ଏବେ ତା'ର ଜବାବ ରଖିଥିବା ଜଣାପଡ଼ିଛି।

## ହ୍ୱାଟ୍ସଆପ୍ ସ୍ପାଏଗେଟ୍ ଭାଜପା ବିରୋଧରେ କଂଗ୍ରେସର ଅଭିଯୋଗ

## ତଦନ୍ତ କରିବେ ୨ ପାର୍ଲାମେଣ୍ଟ କମିଟି

**ନୂଆଦିଲ୍ଲୀ,୩।୧୧(ପି.ଟି.)**

କଂଗ୍ରେସ ନେତାମାନଙ୍କ ନେତୃତ୍ୱରେ ଦୁଇଟି ପାର୍ଲାମେଣ୍ଟ କମିଟି ହ୍ୱାଟ୍ସଆପ୍ ଗୋଇନ୍ଦାଗିରି ନେଇ ତଦନ୍ତ କରିବେ। ଏହି ଦୁଇ କମିଟି ସ୍ୱରାଷ୍ଟ୍ର ସଚିବଙ୍କ ସମେତ କେତେଜଣ ଶୀର୍ଷ ସରକାରୀ ଅଧିକାରୀଙ୍କଠାରୁ ଏ ସଂକ୍ରାନ୍ତ ତଥ୍ୟ ମାଗିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ପାର୍ଲାମେଣ୍ଟାରି କମିଟି ଅଧ୍ୟକ୍ଷ ତଥା କଂଗ୍ରେସ ନେତା ଆନନ୍ଦ ଶର୍ମା ହ୍ୱାଟ୍ସଆପ୍ ଗୋଇନ୍ଦାଗିରିକୁ ଚିନ୍ତାଜନକ ବୋଲି ଦର୍ଶାଇଛନ୍ତି। ସେ କହିଛନ୍ତି, ଆସନ୍ତା ୧୫ ତାରିଖରେ ବସିବାକୁ ଥିବା କମିଟିର ପରବର୍ତ୍ତୀ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ। ସ୍ୱରାଷ୍ଟ୍ର ସଚିବ ପରବର୍ତ୍ତୀ ବୈଠକରେ ଜମ୍ମୁ-କଶ୍ମୀର ସ୍ଥିତି ନେଇ କମିଟିକୁ ଅବଗତ କରାଇବେ। ଉକ୍ତ କମିଟିରେ ତାଙ୍କଠାରୁ ହ୍ୱାଟ୍ସଆପ୍ ଗୋଇନ୍ଦାଗିରି ସମ୍ପର୍କରେ ତଥ୍ୟ ମଗାଯିବ। ସେହିପରି ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ସମ୍ପର୍କିତ

ଆନନ୍ଦ ଶର୍ମା

ଶଶୀ ଥରୁର

ପାର୍ଲାମେଣ୍ଟାରି କମିଟି ଅଧ୍ୟକ୍ଷ ଶଶୀ ଥରୁର କହିଛନ୍ତି, ସାଇବର ସୁରକ୍ଷା ଆମ ଏଜେଣ୍ଡାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏନେଇ ଅନ୍ୟ ସଦସ୍ୟମାନଙ୍କ ସହ ଇ-ମେଲ୍‌ରେ ପରାମର୍ଶ କରାଯିବ। ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ାଯିବ ବୋଲି ସେ କହିଛନ୍ତି।

## ଛଟ୍ ପୂଜା ବେଳେ ୮ ମୃତ

**ପାଟନା/ରାଞ୍ଚି,୩।୧୧ (ପି.ଟି./ଆଇଏଏନ୍‌ଏସ୍)**

### ବିହାରରେ ୫, ଝାଡ଼ଖଣ୍ଡରେ ୩

ବିହାରରେ ରବିବାର ଛଟ୍ ପୂଜା ପାଳନବେଳେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାସ୍ଥଳେ ୧୭ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ସମସ୍ତିପୁର ଜିଲାର ହାସନପୁର ଥାନା ଅନ୍ତର୍ଗତ ବଡ଼ଗାଓଁ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ଏକ ପୁଷ୍କରିଣୀ ପାଖରେ ରୁଣ୍ଡ ହୋଇଥିଲାବେଳେ ମନ୍ଦିର ପାଚେରି ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ଜଣ ଆହତ ହୋଇଥିଲେ। ଶନିବାର ରାତିରେ ଔରଙ୍ଗାବାଦର ସୂର୍ଯ୍ୟ ମନ୍ଦିରରେ ଦଳାଚକଟାରେ ୨ ଶିଶୁ ପ୍ରାଣ ହରାଇଥିଲେ। ଏହି ଘଟଣାରେ ୭ ଜଣ ଆହତ ହୋଇଛନ୍ତି। ସେହିପରି ଝାଡ଼ଖଣ୍ଡରେ ଛଟ୍ ପୂଜା ବେଳେ ରବିବାର ପାଲାମୁ ଓ ଗିରିଡିହ ଜିଲାରେ ଦୁଇ ଭଉଣୀଙ୍କ ସମେତ ୩ ଜଣ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ଲାଗି ନଦୀଘାଟରେ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ବାଙ୍କା ନଦୀ ଶଯ୍ୟାରେ ଖୋଳାଯାଇଥିବା ଚୁଆରେ ଦୁଇଭଉଣୀ ବୁଡ଼ିଯାଇଥିଲେ। ଗିରିଡିହ ଜିଲାର ରାଜକୁମାର ବର୍ମା ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲାବେଳେ ପୁଷ୍କରିଣୀରେ ବୁଡ଼ିଯାଇଥିଲେ ବୋଲି ପୋଲିସ କହିଛି।

### ଦୁର୍ଘଟଣା ନେଲା ୧୫ ଜୀବନ

**କାଠମାଣ୍ଡୁ,୩।୧୧(ପି.ଟି.)**

ନେପାଳର ସିନ୍ଧୁପାଲଚୌକ୍ ଜିଲାରେ ରବିବାର ଏକ ଯାତ୍ରୀବାହୀ ବସ୍ ନଦୀ ଭିତରକୁ ଖସିପଡ଼ିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ୩ ବର୍ଷୀୟ ଶିଶୁଙ୍କ ସମେତ ୧୫ ଜଣଙ୍କ ଜୀବନ ଯାଇଛି। ଦୋଲଖା ଜିଲାରୁ ରାଜଧାନୀ କାଠମାଣ୍ଡୁ ଅଭିମୁଖେ ଯାଉଥିବା ବସ୍‌ଟି ରାସ୍ତାରେ ଭାରସାମ୍ୟ ହରାଇ ୧୦୦ ମିଟର ତଳକୁ ଖସି ନଦୀରେ ପଡ଼ିଥିଲା। ଫଳରେ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

## ପ୍ରତିରକ୍ଷା ସହଯୋଗ ବଢ଼ାଇବେ ଭାରତ, ଥାଇଲାଣ୍ଡ

**ବ୍ୟାଙ୍କକ୍,୩।୧୧(ପି.ଟି.)**

ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଥାଇଲାଣ୍ଡ ପ୍ରତିପକ୍ଷ ପ୍ରୟୁତ୍ ଚାନ୍-ଓ-ଚା ସହମତି ପ୍ରକାଶ କରିଛନ୍ତି। ଆସିଆନ୍ ସମିଟ୍ ଅବସରରେ ରବିବାର ଦୁଇ ନେତାଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଓ ଯୋଗାଯୋଗ ବୃଦ୍ଧି ଉପରେ ମଧ୍ୟ ଉଭୟ ନେତା ଜୋର ଦେଇଥିଲେ। ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଗତବର୍ଷ ୨୦ ପ୍ରତିଶତ ବୃଦ୍ଧି ପାଇଥିବାରୁ ଏହାକୁ ଦୁଇ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ଏଥିସହିତ ବାଣିଜ୍ୟ ଓ ପୁଞ୍ଜିନିବେଶ ଅଧିକ ବଢ଼ାଇବା ଲାଗି କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ତାହା ଉପରେ ଦୁଇଦେଶର ଅଧିକାରୀମାନେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ଥାଇଲାଣ୍ଡ ସହ ଭାରତର ବିମାନ ଯୋଗାଯୋଗ ବେଶ୍ ବୃଦ୍ଧି ପାଇଛି। ବ୍ୟାଙ୍କକ ଓ ଗୁଆହାଟୀ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହୋଇଥିଲାବେଳେ ଥାଇଲାଣ୍ଡର ରାନୋଙ୍ଗ ବନ୍ଦର ଏବଂ ଭାରତର କୋଲକାତା, ଚେନ୍ନାଇ, ବିଶାଖାପାଟଣା ବନ୍ଦର ମଧ୍ୟରେ ସହଯୋଗ ପାଇଁ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି। ପ୍ରାଚ୍ୟଦେଶଗୁଡିକ ସହ ସମ୍ପର୍କ ବୃଦ୍ଧିକୁ ଭାରତ ପ୍ରାଧାନ୍ୟ ଦେଇଆସୁଛି। ପ୍ରଧାନମନ୍ତ୍ରୀ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ।

# 'ଶିବସେନା ପାଖରେ ୧୭୦ ବିଧାୟକ'

**ମୁମ୍ବାଇ,୩।୧୧**

ଶିବସେନା ପାଖରେ ୧୭୦ ବିଧାୟକଙ୍କ ସମର୍ଥନ ରହିଛି। ଏହି ସଂଖ୍ୟା ୧୭୫ରୁ ମଧ୍ୟ ଅଧିକ ହୋଇପାରେ। ତେଣୁ ଭାଜପା ସହ ଆଲୋଚନା କେବଳ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହେବ ବୋଲି ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ମହାରାଷ୍ଟ୍ରରେ ସରକାର ଗଠନ ନେଇ ଅଚଳାବସ୍ଥା ଜାରି ରହିଥିବାବେଳେ ସଞ୍ଜୟଙ୍କ ଏହି ମନ୍ତବ୍ୟ ଦୁଇ ସହଯୋଗୀଙ୍କ ମଧ୍ୟରେ ମତଭେଦକୁ ଅଧିକ ତୀବ୍ର କରିଛି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା, ଯାହାର ଫଳାଫଳ ଗତ ୨୪ ତାରିଖରେ ଆସିଥିଲା। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୪୫ ହୋଇଥିବାବେଳେ ଭାଜପା ୧୦୫ ଓ ଏହାର ସହଯୋଗୀ ୫୬ ଆସନ ଦଖଲ କରିବାରେ ସକ୍ଷମ ହୋଇଛନ୍ତି। ସେହିପରି ବିରୋଧୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୫୪ ଓ କଂଗ୍ରେସ ୪୪ ଆସନରେ ସଫଳତା ପାଇ ସନ୍ତୁଷ୍ଟ ହୋଇଛନ୍ତି। ଫଳରେ ଭାଜପା ସହ ୫୦:୫୦ ସୂତ୍ରରେ ସରକାର ଗଠନ ପାଇଁ ଶିବସେନା ଅଡ଼ିବସିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ। ତେଣୁ ଶିବସେନା ଯଥାସାଧ୍ୟ ନିଜ ମୂଳଚାଲ ସାମର୍ଥ୍ୟ ବଢ଼ାଇବା ପାଇଁ ଉଦ୍ୟମ ଜାରି ରଖିଛି। ଏହିକ୍ରମରେ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ ରବିବାର କହିଛନ୍ତି, ଅଚଳାବସ୍ଥା ଜାରି ରହିଛି। ସରକାର ଗଠନ ନେଇ ଅଦ୍ୟାବଧି କିଛି ଆଲୋଚନା ହୋଇନାହିଁ। ଆଲୋଚନା ହେଲେ ତାହା କେବଳ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହେବ। ଭାଜପାର ସାହସ ଥିଲେ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି କରି ଦେଖାଉ। ଏପରି କଲେ ତାହା ଭାଜପା ପାଇଁ ଚଳିତ ଶତାବ୍ଦୀର ସବୁଠୁ ବଡ଼ ପରାଜୟର କାରଣ ସାଜିବ ବୋଲି ସଞ୍ଜୟ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଅଚଳାବସ୍ଥା ଦୂର କରିବା ପାଇଁ ଫଡ଼ନବିସ ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଭେଟିବେ। ସେହିପରି ବିକଳ୍ପ ପନ୍ଥା ଲାଗି ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିପାରନ୍ତି।

### 'ବଜାରକୁ ୫୦:୫୦ ବିସ୍କୁଟ ଆସିଛି କି'

**ହାଇଦ୍ରାବାଦ,୩।୧୧**

ମହାରାଷ୍ଟ୍ରରେ ୫୦:୫୦ ସୂତ୍ରରେ କ୍ଷମତା ଭାଗବଣ୍ଟା ପାଇଁ ଶିବସେନା ଅଡ଼ିବସିଥିବାବେଳେ ଏହାକୁ ନେଇ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସି ତାଚ୍ଛଲ୍ୟ କରିଛନ୍ତି। ଲଗାଣ ବର୍ଷା ଯୋଗୁ ଫସଲହାନି ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ଏମାନେ ୫୦:୫୦ କଥା କହୁଛନ୍ତି। ବଜାରକୁ ନୂଆ ଫିଫ୍ଟି ଫିଫ୍ଟି ବିସ୍କୁଟ ଆସିଛି କି ବୋଲି ଓୱାଇସି ପ୍ରଶ୍ନ କରିଛନ୍ତି। ଏହାସହ ଭାଜପା କିମ୍ବା ଶିବସେନାକୁ ଏଆଇଏମ୍‌ଆଇଏମ୍ ସମର୍ଥନ ଦେବନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ମହାରାଷ୍ଟ୍ରରେ ଶିବସେନା କ୍ଷମତାରେ ରହିବ କି ନାହିଁ ସେ ନେଇ ଲୋକେ ଖୁବ୍‌ଶୀଘ୍ର ଜାଣିବାକୁ ପାଇବେ।

**-ଉଦ୍ଧବ ଠାକ୍‌ରେ, ଶିବସେନା ଅଧ୍ୟକ୍ଷ**

### ଦିଲ୍ଲୀ ହାଇକୋର୍ଟରେ ଓକିଲ-ପୋଲିସ ସଂଘର୍ଷ ମାମଲା

## ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଦିଲ୍ଲୀର ତିସ୍ ହଜାରୀ ଜେଲ୍ ପରିସରରେ ଶନିବାର ଘଟିଥିବା ଓକିଲ-ପୋଲିସ ସଂଘର୍ଷ ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ରବିବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏସ୍.ପି. ଗର୍ଗ ଏହି ମାମଲାର ତଦନ୍ତ କରିବେ ବୋଲି ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଏବଂ ଜଷ୍ଟିସ୍ ସି. ହରି ଶଙ୍କରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଗଣମାଧ୍ୟମ ରିପୋର୍ଟ ଆଧାରରେ ହାଇକୋର୍ଟ ନିଜଆଡୁ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ।

ଏଥିସହିତ ତଦନ୍ତ ସମୟରେ ସ୍ୱତନ୍ତ୍ର କମିଶନର ସଞ୍ଜୟ ସିଂ ଏବଂ ଅତିରିକ୍ତ ଡିସିପି ହରିନ୍ଦର ସିଂଙ୍କୁ ବଦଳି କରିବା ଲାଗି ଖଣ୍ଡପୀଠ ଦିଲ୍ଲୀ ପୋଲିସ କମିଶନରଙ୍କୁ

uti UTI Mutual Fund
Haq, ek behtar zindagi ka.
10 YEARS
# ୟୁଟିଆଇ ସ୍ୱତନ୍ତ୍ର
ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

# ନିତିଦିନିଆ ଅଭ୍ୟାସରେ ସାମାନ୍ୟ ପରିବର୍ତ୍ତନ, କରିଥାଏ ଆପଣଙ୍କ ଆର୍ଥିକ ଦୁଶ୍ଚିନ୍ତାକୁ ଉଭାନ



**ଆମେ ଯଦି କହୁ ଯେ ଆପଣ ନିଜର ଦୈନନ୍ଦିନ ଅଭ୍ୟାସକୁ ପରିବର୍ତ୍ତନ କରି ଆପଣ ନିଜର ସମ୍ପତ୍ତିକୁ ବୃଦ୍ଧି କରିପାରିବେ, ତେବେ ? ନିଜେ ଜାଣନ୍ତୁ !**

**କ) ବିଜୁଳି ପଛରେ ଟଙ୍କା ସଞ୍ଚୟ କରନ୍ତୁ**
- ଘର ଆଖପାଖରେ ଗଛ ଲଗାନ୍ତୁ ।
- ନିଜର ଏସି ଥର୍ମୋଷ୍ଟାଟ୍‌କୁ ୨୨ ଡିଗ୍ରୀ ବଦଳରେ ୨୫ ଡିଗ୍ରୀରେ ରଖନ୍ତୁ ।
- ନିଜର ଉପକରଣଗୁଡ଼ିକୁ ଅତ୍ୟଧିକ ଚାର୍ଜ କରନ୍ତୁ ନାହିଁ ।
- ତାରଗୁଡ଼ିକର ତ୍ରୁଟିପୂର୍ଣ୍ଣ ଇନସୁଲେଶନ୍‌କୁ ଏଡ଼ାନ୍ତୁ ।
- ଆପଣଙ୍କ ଉପକରଣଗୁଡ଼ିକ ବ୍ୟବହାର ନ ହେଉଥିବା ସମୟରେ ତାହାକୁ ବନ୍ଦ କରିଦିଅନ୍ତୁ ।
- ଏସି ଓ ଫ୍ରିଜ୍‌ଗୁଡ଼ିକୁ ନିୟମିତ ଭାବେ ସଫା କରନ୍ତୁ ।

**ଆପଣ କେତେ ସଞ୍ଚୟ କରିପାରିବେ: ₹୧,୦୦୦ ମାସିକ (ଆନୁମାନିକ)**

**ଖ) ଯିବା ଆସିବା ଖର୍ଚ୍ଚ ଉପରେ ଟଙ୍କା ସଞ୍ଚୟ କରନ୍ତୁ ।**
- ମାଗଣାରେ ପାର୍କିଂ ଦେଉଥିବା ସ୍ଥାନ ଖୋଜନ୍ତୁ
- ନିଜ ଗାଡ଼ିର ସମୟୋଚିତ ସର୍ଭିସିଂକୁ ସୁନିଶ୍ଚିତ କରନ୍ତୁ
- ଏସି ବ୍ୟବହାରକୁ ଯୁକ୍ତିସଙ୍ଗତ କରନ୍ତୁ
- ଯଦି ଆପଣଙ୍କର କାର ନାହିଁ ତେବେ ଆପଣ ସାଧାରଣ ପରିବହନ, ଶେୟାର୍ କ୍ୟାବ୍ କିମ୍ବା ଶଟଲ୍ ବ୍ୟବହାର କରିପାରନ୍ତି ।
- ସବୁଦିନ ଟିକେଟ୍ କିଣିବା ପରିବର୍ତ୍ତେ ମାସିକ ପାସ୍‌ର ବିକଳ୍ପ ବାଛନ୍ତୁ

**ଆପଣ କେତେ ସଞ୍ଚୟ କରିପାରିବେ: ₹୧,୫୦୦ ମାସିକ (ଆନୁମାନିକ)**

**ଗ) ଯୋଗାଯୋଗ ବାବଦୀୟ ଟଙ୍କା ସଞ୍ଚୟ କରନ୍ତୁ**
- ପୋଷ୍ଟପେଡ୍ ପରିବର୍ତ୍ତେ ପ୍ରିପେଡ୍ ସିମ୍ ବ୍ୟବହାର କରନ୍ତୁ
- ନିଜର ନେଟ୍ ସଂଯୋଗକୁ କଲ୍ କରିବା ପାଇଁ ସୁସଙ୍ଗତ କରନ୍ତୁ
- ହାର୍ଡ କପି ପୋଷ୍ଟିଂ ବଦଳରେ ସ୍କାନ୍‌ଡ କପିର ବିକଳ୍ପ ବାଛନ୍ତୁ
- ଆପଣଙ୍କ ଉପଯୋଗ ଏତେ ବହୁଳ ନ ହୋଇଥିଲେ ଅସୀମିତ ଇଣ୍ଟରନେଟ୍ ଓ କଲିଂ ପ୍ଲାନ୍‌କୁ ଆପଣାନ୍ତୁ ନାହିଁ ।

**ଆପଣ କେତେ ସଞ୍ଚୟ କରିପାରିବେ: ₹୫୦୦ ମାସିକ (ଆନୁମାନିକ)**

**ଘ) ଆମୋଦ ପ୍ରମୋଦ ବାବଦୀୟ ଟଙ୍କା ସଞ୍ଚୟ କରନ୍ତୁ**
- ଅନେକ ଆପ୍ ଆପଣଙ୍କୁ ମୁଭିଜ୍ ଓ ସିରିଜ୍ ଦେଖିବାର ଅନୁମତି ଦେଇଥାଏ ।
- ଥିଏଟରରେ ସିନେମା ଦେଖିବା ପାଇଁ ସାପ୍ତାହିକ କାର୍ଯ୍ୟଦିବସଗୁଡ଼ିକୁ ଚୟନ କରନ୍ତୁ ସାପ୍ତାହିକ ଛୁଟିଦିନ ନୁହେଁ ।
- ବାହାରେ ଖାଇବା ପରିବର୍ତ୍ତେ ଆପଣ ଡିସକାଉଣ୍ଟର ସହାୟତା ନେଇପାରନ୍ତି କିମ୍ବା ଖାଦ୍ୟ ଅର୍ଡର କରିପାରନ୍ତି ।
- ଲଙ୍ଗ୍ ଡ୍ରାଇଭ୍ ବଦଳରେ ଲଙ୍ଗ୍ ୱାକକୁ ଯାଆନ୍ତୁ
- ବିଳାସମୟ କାପୁଚିନୋ ବଦଳରେ କଟିଂ ଚା' ମଗାନ୍ତୁ

**ଆପଣ କେତେ ସଞ୍ଚୟ କରିପାରିବେ: ₹୨,୦୦୦ ମାସିକ (ଆନୁମାନିକ)**

**ଙ) ଶପିଂ ବାବଦୀୟ ଖର୍ଚ୍ଚରେ ଟଙ୍କା ସଞ୍ଚୟ କରନ୍ତୁ**
- ଅନଲାଇନ୍‌ରେ ଶପିଂ କରନ୍ତୁ ଏବଂ ଉପଲବ୍ଧ ରିହାତି ଓ ଅଫର୍‌ର ଭରପୂର ଫାଇଦା ଉଠାନ୍ତୁ ।
- ଋତୁକାଳୀନ ସେଲ୍ ଉପରେ ନଜର ରଖନ୍ତୁ ।
- ଆପଣ କ'ଣ ଚାହୁଁଛନ୍ତି ତାହାର ତାଲିକା ପ୍ରସ୍ତୁତ କରନ୍ତୁ ଏବଂ ନିଜର ଇଚ୍ଛା ଓ ଜରୁରୀ ଆବଶ୍ୟକତା ମଧ୍ୟରେ ପାର୍ଥକ୍ୟ ରଖନ୍ତୁ ।
- ଅଣ-ପଚନଶୀଳ ସାମଗ୍ରୀଗୁଡ଼ିକୁ ବହୁ ପରିମାଣରେ କିଣନ୍ତୁ ।
- ରିହାତି ଯୋଗାଉଥିବା କ୍ରେଡିଟ୍ ତଥା ଡେବିଟ୍ କାର୍ଡ ବ୍ୟବହାର କରନ୍ତୁ ।

**ଆପଣ କେତେ ସଞ୍ଚୟ କରିପାରିବେ: ₹୧,୦୦୦ ମାସିକ (ଆନୁମାନିକ)**

**ନିଜକୁ ପଚାରନ୍ତୁ:**

ମାସକୁ ₹୬,୦୦୦ ବା ବର୍ଷକୁ ₹୭୨,୦୦୦ ସଞ୍ଚୟ କରିବା ଏତେ କଷ୍ଟକର କି ? ଏହି ଟଙ୍କା, ଯଦି ନିବେଶ କରାଯାଏ, ତେବେ କମ୍ପାଉଣ୍ଡିଂର ଶକ୍ତି କାରଣରୁ ଆଶାତୀତ ଭଲ ଲାଭ ପ୍ରଦାନ କରିପାରିବ । ଦୈନନ୍ଦିନ କିଛି ନା କିଛି ଆଡ୍‌ଜଷ୍ଟ କରିବା ଆପଣଙ୍କ ଜୀବନକୁ ବଦଳାଇପାରେ ।

ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

# ଆପଣ ଗୋଟିଏ ଦିନରେ ମାଉଣ୍ଟ ଏଭରେଷ୍ଟ ଚଢ଼ିପାରିବେ ନାହିଁ - ଚଢ଼ିବା ଜାରି ରଖନ୍ତୁ

**ପୃଥିବୀର ସର୍ବୋଚ୍ଚ ପର୍ବତରେ ଚଢ଼ିବା ପାଇଁ ପାଖାପାଖି ୬୦ ଦିନ ଲାଗିଥାଏ**

ଶିଖରରେ ପହଞ୍ଚିବା ପାଇଁ ଆପଣ ପ୍ରଶିକ୍ଷଣ, ଇଚ୍ଛାଶକ୍ତି, ଷ୍ଟାମିନା ଓ ଅନେକ ପ୍ରକାର ପାହାଡ଼ ଚଢ଼ା ଉପକରଣ ଦରକାର କରିବେ । ଯାତ୍ରା ବାଧାବିଘ୍ନମୁକ୍ତ ହୋଇ ନ ପାରେ, କିନ୍ତୁ ଆପଣ ଯଦି ଅଟଳ ରୁହନ୍ତି, ତେବେ ଶେଷରେ ଆପଣ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବେ ।

**ଦୀର୍ଘ-ମିଆଦୀ ନିବେଶ ଠିକ୍ ଏହିଭଳି**

ନିଜର ଦୀର୍ଘ-ମିଆଦୀ ଲକ୍ଷ୍ୟରେ ପହଞ୍ଚିବା ପାଇଁ, ଆପଣ କିଛି ଟଙ୍କା, ପ୍ରଚୁର ଧୈର୍ଯ୍ୟ ଓ ଠିକ୍ ନିବେଶ ଆବଶ୍ୟକ କରିବେ ।

**କିନ୍ତୁ ଠିକ୍ ନିବେଶ କେଉଁଟି ?**

ସରଳ ! ତାହା ହେଉଛି ଏପରି ଏକ ନିବେଶ ଯାହା ଆପଣଙ୍କୁ ଦୀର୍ଘମିଆଦରେ ରିଟର୍ନ ଦେଉଥିବ !

**ଜାଣନ୍ତୁ ୩୩ ବର୍ଷ ତଳର କେଉଁ ନିବେଶ ଆପଣଙ୍କୁ ସମ୍ପତ୍ତି ଗଢ଼ିବାରେ ଅଧିକ ସହାୟତା କରିଥାନ୍ତା ।**




- ₹୧ ଲକ୍ଷର ପ୍ରାରମ୍ଭିକ ନିବେଶ
- ବର୍ତ୍ତମାନର ମୂଲ୍ୟ
- କମ୍ପାଉଣ୍ଡ ବାର୍ଷିକ ଅଭିବୃଦ୍ଧି ହାର %ରେ

ସୌଜନ୍ୟ: ଏସ୍‌ବିଆଇ, ଆର୍‌ବିଆଇ, କୁଟବର୍ଗ, ଏମ୍‌ଏଫ୍‌ଆଇ ଏକ୍ସପ୍ଲୋରର୍

ଏହି ବାର୍ ଗ୍ରାଫ୍‌ରେ, ନୀଳ ରଙ୍ଗର ବାର୍‌ଗୁଡ଼ିକ ବିଭିନ୍ନ ନିବେଶ ମାର୍ଗରେ ପ୍ରାରମ୍ଭିକ ନିବେଶ ମୂଲ୍ୟକୁ ସୂଚାଇଥାଏ (୩୦ ସେପ୍ଟେମ୍ବର, ୧୯୮୬ ସୁଦ୍ଧା) ଏବଂ ସବୁଜ ବାର୍‌ଗୁଡ଼ିକ ବର୍ତ୍ତମାନର ମୂଲ୍ୟ ସୂଚାଇଥାଏ (୩୦ ସେପ୍ଟେମ୍ବର ୨୦୧୯ ସୁଦ୍ଧା) । ଦୁଇଟି ବାର୍ ମଧ୍ୟରେ ପାର୍ଥକ୍ୟ ୩୩ ବର୍ଷ ଅବଧିରେ ନିବେଶ ମୂଲ୍ୟର ଅଭିବୃଦ୍ଧିକୁ ସୂଚାଇଥାଏ ।

ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

**ଏହାପରେ କ'ଣ:** ଜଣେ ସଫଳ ନିବେଶକଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗୁଣ ହେଉଛି ଧୈର୍ଯ୍ୟ । ନିବେଶକୁ ବୃଦ୍ଧି ପାଇଁ ଆବଶ୍ୟକ ସମୟ ଦେବା କାହିଁକି ଜରୁରୀ, ଆସନ୍ତୁ ଜାଣିବା ।

**ଏସ୍‌ଆଇପି ହେଉଛି ସଞ୍ଚୟର ନୂଆ ସାଧନ**

ସମୟ ସହିତ ତାଳ ଦେଇ ଚାଲିବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ !

**ପାଠକୀୟ ମତ**

୨ ବର୍ଷ ପରେ ବିଦେଶ ଭ୍ରମଣ ପାଇଁ ଆଜିଠାରୁ ଆପଣ ପ୍ରତିମାସରେ ନିଜର ସିନେମା ଦେଖାକୁ ଛାଡ଼ିପାରିବେ କି ?

ହଁ | ନା

ନିଜ ଉତ୍ତର ଏସ୍‌ଏମ୍‌ଏସ୍ ମାଧ୍ୟମରେ ପଠାନ୍ତୁ । Poll<SPACE>YES କିମ୍ବା Poll<SPACE>NO ଟାଇପ୍ କରି 5676756ରୁ ପଠାନ୍ତୁ

ଆପଣଙ୍କ ଉତ୍ତର ସହିତ ଆଉ କେତେଜଣ ସମ୍ମତ ତାହା ଆପଣ ପରବର୍ତ୍ତୀ ସଂସ୍କରଣରେ ଜାଣିପାରିବେ ।

**ଫଳାଫଳ**

ପୂର୍ବବର୍ତ୍ତୀ ସଂସ୍କରଣରେ ଆମେ ଆପଣଙ୍କୁ ପଚାରିଥିଲୁ – ଆପଣଙ୍କ ପାଖରେ ଯାହା ବି ଅଳ୍ପକିଛି ପଇସା ଅଛି ତାହାକୁ ଆପଣ ଖର୍ଚ୍ଚ କରିବେ ନା ନିଜର କରଜଗୁଡ଼ିକୁ ଶୁଝିବେ ନା ନିବେଶ କରିବେ ?

A) ଯଥାସମ୍ଭବ ନିଜର ଋଣକୁ ଶୁଝିବାକୁ ଚେଷ୍ଟା କରିବି

B) ଇଏମ୍‌ଆଇରେ ନୂଆ ମୋବାଇଲ କିଣିବି

C) ଟଙ୍କାକୁ ମୁଁ ନିବେଶ କରିବି

ଉତ୍ତର:

A ୪୨% | B ୨୬% | C ୩୨%

**ବିଶେଷଜ୍ଞ କୁହନ୍ତି**

**ବିକଳ୍ପ A** ଆପଣଙ୍କୁ ଧୀରେ ଧୀରେ ଋଣର ଯନ୍ତାରୁ ମୁକୁଳାଇବ କିନ୍ତୁ ଆପଣଙ୍କ ଟଙ୍କାରେ ଅଭିବୃଦ୍ଧି ଘଟିବ ନାହିଁ

**ବିକଳ୍ପ B** ର ଅର୍ଥ ଆପଣଙ୍କ ଋଣ ଉପରେ ଅତିରିକ୍ତ ଟଙ୍କାର ବୋଝ ଲଦିବା

**ବିକଳ୍ପ C** ର ଅର୍ଥ ଆପଣ ସମୟ ସହିତ ନିଜ ଟଙ୍କାକୁ ବୃଦ୍ଧି କରିପାରିବେ

ସମ୍ପତ୍ତି ବୃଦ୍ଧି ପାଇଁ ନିଜ ଟଙ୍କାକୁ ନିବେଶ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ, ଆପଣଙ୍କୁ ପ୍ରଥମେ ନିଜର ଋଣକୁ ହ୍ରାସ କରିବାର ଚେଷ୍ଟା କରିବାକୁ ହେବ । ଏହାର ସର୍ବୋତ୍ତମ ଉପାୟ ହେଉଛି ନିଜର ଆର୍ଥିକ ସ୍ଥିତିକୁ ବୁଝିବା । ଯଦି ଆପଣଙ୍କ ଉପରେ ଋଣର ବୋଝ ଲଦିହୋଇ ରହିଛି, ତେବେ ନିଜ ପାଖରେ ଥିବା ଅଧିକାଂଶ ଟଙ୍କାକୁ ଋଣ ଶୁଝିବା ପାଇଁ ବ୍ୟବହାର କରନ୍ତୁ । କିନ୍ତୁ ଅଳ୍ପ କିଛି ଟଙ୍କା ନିବେଶ କରିବାର ମଧ୍ୟ ସୁନିଶ୍ଚିତ କରନ୍ତୁ । ଦିନ ଆସିବ, ସେହି ଅଳ୍ପ କିଛି ଟଙ୍କା କୋଟିଏ ଟଙ୍କାରେ ରୂପାନ୍ତରିତ ହୋଇଯିବ ।

ଆପଣଙ୍କର ମ୍ୟୁଚୁଆଲ ଫଣ୍ଡ ବିତରକଙ୍କ ସହ ଯୋଗାଯୋଗ କରନ୍ତୁ ଅଥବା 8655019940 କୁ ଗୋଟିଏ ମିସ୍‌ଡ କଲ୍ ଦିଅନ୍ତୁ ।

33 ବର୍ଷର ଅଭିବୃଦ୍ଧିର ଯାତ୍ରା ଉପରେ ଭରସା କରନ୍ତୁ । ଲାରଜର୍ ପ୍ରଥମ ବିଭିଧିକୃତ ଇକ୍ୟୁଇଟି ଫଣ୍ଡରେ ନିବେଶ କରନ୍ତୁ, ଯିଏ ଆପଣଙ୍କୁ ଦେଇଥାଏ ଦୀର୍ଘ ମିଆଦି ପୁଞ୍ଜି ଅଭିବୃଦ୍ଧିର ଲକ୍ଷ୍ୟ ହାସଲ କରିବାର ସୁଯୋଗ ।

- ବର୍ଷ ପରେ ବର୍ଷ ଦେଲଚାରେ ଲାଭାଂଶ । ଆଜି ସୁଦ୍ଧା ଦେଲ ପାରିଛି ମୋଟ ₹3503.65 କୋଟିର୍ ଲାଭାଂଶ ।^~
- ଏହାର ପୋର୍ଟଫୋଲିଓ ରେ ସ୍ଥାନ ପାଇଛି ବୃହତ ସମ୍ବଳ ଓ ପୁଞ୍ଜି ଧାରୀ କମ୍ପାନୀ ଯେମିତିକି ଏଚଡିଏଫସି ବ୍ୟାଙ୍କ୍, ଆଇଟିସି, ରିଲାଏନ୍‌ସ ଇଣ୍ଡଷ୍ଟ୍ରୀଜ, ଲାର୍ସେନ୍‌ଟୁବ୍ରୋ, ଏସିଆନ୍ ପେଣ୍ଟସ୍ ଇତ୍ୟାଦି ।$
- 5.9 ଲକ୍ଷ ରୁ ଅଧିକ ନିବେଶକ ।*

"UTIMS" ଲେଖି 5676756 କୁ SMS ପଠାନ୍ତୁ | www.utimf.com

## ୟୁଟିଆଇ ମାଷ୍ଟରଶେୟାର ୟୁନିଟ୍ ସ୍କିମ୍

ୟୁଟିଆଇ ମାଷ୍ଟରଶେୟାର ୟୁନିଟ୍ ସ୍କିମ୍ ହେଉଛି ଏକ ଓପନ୍ ଏଣ୍ଡେଡ୍ ଇକ୍ୟୁଇଟି ସ୍କିମ୍ ଯାହା ମୁଖ୍ୟତଃ ଲାର୍ଜ କ୍ୟାପ୍ ଷ୍ଟକରେ ନିବେଶ କରିଥାଏ । ~ ପୂର୍ବର୍ତ୍ତ ପ୍ରଦର୍ଶନ ହୁଏତ ଭବିଷ୍ୟତରେ ସେହି ଏକା ମାତ୍ରାରେ ବହିବ ନାହିଁ । ଲାଭାଂଶ ଦେୟ ପରେ, ସ୍କିମ୍‌ର ଲାଭାଂଶ ବିତରଣ ଏନ୍‌ଏଭି, ପରିଶୋଧ ଏବଂ ବିଧିବଦ୍ଧ ଦେୟରେ (ଯଦି ଲାଗୁ ଅଟେ) ସୀମା ପର୍ଯ୍ୟନ୍ତ କମ୍ ହୋଇପାରିବ । ଲାଭାଂଶର୍ ବଣ୍ଟନ, ବୁଝିଷ୍ଟଙ୍କର୍ ଅନୁମୋଦନ ଏବଂ ବଣ୍ଟନ ଯୋଗ୍ୟତା ଅତିରିକ୍ତ ରାଶିର୍ ଉପଲବ୍ଧତା ଉପରେ ନିର୍ଭର କରେ । ଏହି ପଡ଼ିକାରେ ପ୍ରଦତ୍ତ ଷ୍ଟକକୁ ମ୍ୟୁଚୁଆଲ ଫଣ୍ଡ ଏବଂ ଏଏମ୍‌ସି ଦ୍ୱାରା ପ୍ରଚାର କରାଯାଉଛି ନାହିଁ ବା ଏଗୁଡ଼ିକର ସ୍ଥାୟୀତ୍ୱକୁ ସୁଷ୍ଟି କରାଯାଇ ନାହିଁ ବା ଚୌକିଶି ବି ସମୟରେ ଚୌକିଶି ବି ଷ୍ଟକକୁ ବିକ୍ରିବା ବା କିଣି କରିବାକୁ ପ୍ରୋତ୍ସାହିତ କରାଯାଇ ନାହିଁ । କମ୍ପାନୀ ଗୁଡ଼ିକର ନାମ କେବଳ ରେଫରେନ୍‌ସ ପାଇଁ ଦିଆଯାଇଛି । ଏହି ସ୍କିମ୍ ଏହି ସବୁ କମ୍ପାନୀ ବା ଏଗୁଡ଼ିକ ଜିନରୁ ଚୌଶିସି ବି କମ୍ପାନୀରେ ନିବେଶ କରିପାରେ ଓ ନକରିବି ପାରେ । *ଆରମ୍ଭ ତାରିଖ 15 ଅକ୍ଟୋବର, 1986। *30 ସେପ୍ଟେମ୍ବର 2019 ଶୁଦ୍ଧା ସୃଷ୍ଟି ହୋଇଥିବା ନିବେଶକ ଫୋଲିଓ । *30 ସେପ୍ଟେମ୍ବର, 2019 ଶୁଦ୍ଧା ।

| 30 ସେପ୍ଟେମ୍ବର, 2019 ତେବକୁ ରେଜିଷ୍ଟାର୍ଡ (ଡିଏଚଆଇ) ଉପରେ ଫଣ୍ଡର୍ ପ୍ରଦର୍ଶନ | | | | ଅଭିବୃଦ୍ଧି ₹10,000/ - | | |
|---|---|---|---|---|---|---|
| ସମୟସୀମା | ଏନ୍‌ଏଭି (%) | ଏସ୍‌ଏଣ୍ଡପି ବିଏସ୍‌ଏ 100 (%) | ଏସ୍‌ଏଣ୍ଡପି ବିଏସ୍‌ଏ ସେନ୍‌ସେକ୍ସ (%) | ଏନ୍‌ଏଭି (₹) | ଏସ୍‌ଏଣ୍ଡପି ବିଏସ୍‌ଏ 100 (₹) | ଏସ୍‌ଏଣ୍ଡପି ବିଏସ୍‌ଏ ସେନ୍‌ସେକ୍ସ (₹) |
| 1 ବର୍ଷ | 4.76 | 5.32 | 8.07 | 10,476 | 10,532 | 10,807 |
| 3 ବର୍ଷ | 8.22 | 10.76 | 12.92 | 12,674 | 13,588 | 14,398 |
| 5 ବର୍ଷ | 8.49 | 9.07 | 9.16 | 15,033 | 15,439 | 15,503 |
| ଆରମ୍ଭ ତିନିଠାରୁ* | 15.52 | 14.00 | 14.85 | 1,166,495 | 753,126 | 960,728 |

ଆରମ୍ଭ ତେବ ପରଠାରୁ, ଆମେ ମାଷ୍ଟରଶେୟାର ପାଇଁ ଲାଭ କରୁଛୁ ବା ଅତିରେକ ପ୍ରଦାନକୁ ବର୍ତ୍ତିକୁଳ କରି ପାରିଛୁ । ଏହିଠାରି ବିଚାରଣା କରାଯାଇଛି ଯି ପ୍ରତ୍ୟେ ପ୍ରଦାନକୁ ଲାଭାଂଶ ପ୍ରାପ୍ତି ଏବଂ ଫଣ୍ଡ ମ୍ୟାନେଜର ପ୍ରଦତ୍ତ ଅନ୍ୟ ଅତିରେକ ପ୍ରଦାନକୁ ଦେଇ ଦ୍ୱାରା ଲାଭାଂଶ ପ୍ରାପ୍ତି ଅନୁଯାୟୀ ଫଣ୍ଡ-ବିଭିତ୍ତିକ, ଏନ୍‌ଏଭି ଦ୍ୱାରା ପ୍ରଦାନକୁ ଲାଭାଂଶ ବିଭିତ୍ତିକ ଫଣ୍ଡ-ବିଭିତ୍ତିକ, ଏନ୍‌ଏଭି ଦ୍ୱାରା ପ୍ରଦାନକୁ ଲାଭାଂଶ ବିଭିତ୍ତିକ ଫଣ୍ଡ-ବିଭିତ୍ତିକ ଏବଂ ଏସ୍‌ଏଣ୍ଡପି ବିଏସ୍‌ଏ 100 ଦ୍ୱାରା ପ୍ରଦାନକୁ ଲାଭାଂଶ ବିଭିତ୍ତିକ ଫଣ୍ଡ-ବିଭିତ୍ତିକ ଏବଂ ଏସ୍‌ଏଣ୍ଡପି ବିଏସ୍‌ଏ ସେନ୍‌ସେକ୍ସ

## ସଂକ୍ଷେପରେ

### ମହାବିଦ୍ୟାଳୟରେ ଅଧ୍ୟାପକ-ଅଭିଭାବକ ସମ୍ମିଳନୀ

**ମାର୍ଶାଘାଇ, ୩।୧୧ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅଧ୍ୟାପକ ଓ ଅଭିଭାବକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟାପକ ପ୍ରତାପ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଅଧ୍ୟାପକ ଶୁକାନ୍ତ କୁମାର ଜେନା, ଇନ୍ଦ୍ରମଣୀ ନାୟକ, ପବିତ୍ର କୁମାର ସ୍ୱାଇଁ, ଗଗନ ବିହାରୀ କରଙ୍କ ସମେତ ୭୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ। ସମ୍ମିଳନୀରେ ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ବିକାଶ, ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷାର ମାନବୃଦ୍ଧି ପାଇଁ ଛାତ୍ରାଭିଭାବକ ଓ ଅଧ୍ୟାପକମାନଙ୍କର ସମନ୍ୱୟ ନିତ୍ୟାନ୍ତ ଆବଶ୍ୟକ ବୋଲି ଅଧ୍ୟାପକମାନେ ମତବ୍ୟକ୍ତ କରିଥିଲେ। ବୈଦନାଥ ନନ୍ଦ ସଭା ପରିଚାଳନା କରିଥିବା ବେଳେ ସଞ୍ଜୟ ମିଶ୍ର, ଅବିନାଶ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମ୍ୟୁନିସିପାଲିଟି ଆବର୍ଜନାସ୍ଥଳରେ ମହାପ୍ରସାଦ

**ପୁରୀ ଅଫିସ, ୩।୧୧:** ପୁରୀ ମ୍ୟୁନିସିପାଲିଟି ଆବର୍ଜନାସ୍ଥଳରେ ପଡିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ। ରେଲୱେ ପର୍ଯ୍ୟଟନ ପରିସର ହବିଷିଆଳି ଶିବିରର ଏଭଳି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶିବିରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଏକାଠି ରଖିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସେଠାରେ ବ୍ୟବସ୍ଥା କରାଯାଇଥିବାବେଳେ ବଳକା ଅବଦ୍ଧାକୁ ଫିଙ୍ଗି ଦିଆଯାଉଥିବା ଦେଖିବାକୁ ମିଳିଛି। ଏନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିବିର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱହୀନତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଜିଲା ପ୍ରଶାସନ ଆନୁକୂଲ୍ୟରେ ନରେନ୍ଦ୍ରକୋଣ, ପୌର କଲ୍ୟାଣମଣ୍ଡପ ଏବଂ ରେଲୱେ ପର୍ଯ୍ୟଟନ ପରିସରରେ ଡିଆରି ହୋଇଛି ହବିଷିଆଳି ଶିବିର। ଅପରାହ୍ନରେ ହବିଷିଆଳିଙ୍କ ଲାଗି ମହାପ୍ରସାଦର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟା ୫ଟା ପରେ ହବିଷିଆଳିମାନେ ମହାପ୍ରସାଦନ ସେବନ କରିଥାନ୍ତି। ତେବେ ବଳକା ରହିଯାଉଥିବା ଅବଦ୍ଧା ଡାଲମା ଏବଂ ବେସର ଆଦିକୁ ଆବର୍ଜନାସ୍ଥଳରେ ପକାଇ ଦିଆଯାଉଛି। ଖାଦ୍ୟ ଲାଲସାରେ ଏଥିରେ କୁକୁର ପସି ଏଣେତେଣେ ପକାଉଛନ୍ତି। ଶିବିର ଦାୟିତ୍ୱରେ ରହିଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ ଖବର ନାହିଁ। ମୁଁ ରାତି ୧୦ଟା ଠାରୁ ସକାଳ ୬ଟା ପର୍ଯ୍ୟନ୍ତ ଡ୍ୟୁଟି କରୁଛି। ମହାପ୍ରସାଦ ପୌର ପ୍ରଶାସନ ଆବର୍ଜନାସ୍ଥଳରେ ପକାଯିବା ନିହାତି ଭାବେ ନିନ୍ଦନୀୟ। ଏହାର ଯେପରି ପୁନରାବୃତ୍ତି ନ ଘଟିବା ସେଥିପ୍ରତି ଦୃଷ୍ଟି ଦିଆଯିବା ଏନେଇ ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ମହାପ୍ରଭ ଶ୍ରୀଜଗନ୍ନାଥଙ୍କ ଉପାସନ ସହିତ ଜଡିତ ମହାପ୍ରସାଦ। ସେଥିଲାଗି ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମ କୁହାଯାଉଥିବା ବେଳେ ମହାପ୍ରସାଦଙ୍କୁ ଅନ୍ନବ୍ରହ୍ମ ବୋଲି କୁହାଯାଏ। ମହାପ୍ରସାଦର ଅବମାନନା ଅର୍ଥ ମହାପ୍ରଭୁଙ୍କ ଅବମାନନା କରିବା ସହିତ ସମାନ। ମହାପ୍ରସାଦକୁ ଅବମାନନା କରିବା ଏକ ଅକ୍ଷମଣୀୟ ଅପରାଧ ବୋଲି ସେ କହିଥିଲେ।

## ■ ଅସୁରକ୍ଷିତ ଜାତୀୟ ଉଦ୍ୟାନ ଅଞ୍ଚଳ

# ଖୁଲମ୍‌ଖୁଲା ଚାଲିଛି ନିଶା କାରବାର

- ରାଜ୍ୟ ବାହାରୁ ସମୁଦ୍ର ତଟ ଦେଇ ଆସୁଛି ନିଶାଦ୍ରବ୍ୟ
- ୪୧୦ ଗ୍ରାମରେ ଜୋରଦାର ହେଉଛି ନିଶା କାରବାର
- ନିଶା ବ୍ୟବସାୟରେ ଛାତ୍ରୀଛାତ୍ର ଓ ଯୁବପିଢ଼ିଙ୍କ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା
- ପୋଲିସ ଓ ଅବକାରୀ ବିଭାଗ ନୀରବଦ୍ରଷ୍ଟା

**କେନ୍ଦ୍ରାପଡ଼ା ଅଫିସ୍, ୩।୧୧**

ଭିତରକନିକା ମଧ୍ୟରେ ଥିବା ୪୧୦ ଗ୍ରାମରେ ବେଆଇନ ନିଶା କାରବାର ଜୋରଦାର ଚାଲିଛି। ଖୋଲାଖୋଲି ସମୁଦ୍ରତଟ ଦେଇ ରାଜ୍ୟ ବାହାରୁ ନିଶାଦ୍ରବ୍ୟ ଆସୁଥିବା ବେଳେ ଅନୁପ୍ରବେଶକାରୀଙ୍କର ଏହା ମୁଖ୍ୟ ବେଉସା ପାଲଟିଛି। ଦୁଇ ସପ୍ତାହ ପୂର୍ବେ ମହାକାଳପଡା ବ୍ଲକ ସୁନୀତି ପଞ୍ଚାୟତ ପନ୍ଦରମାଇଲ ଗ୍ରାମରୁ ଜିଲା ଅବକାରୀ ବିଭାଗ ପକ୍ଷରୁ ଏକ ବେଆଇନ ଦେଶୀ ମଦ କାରଖାନାରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ କାରଖାନା ମାଲିକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସେଠାରୁ ଫେରାର ହୋଇଯାଇଥିଲେ। ଅବକାରୀ ବିଭାଗ ପକ୍ଷରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଲିଟରର ପୋଚ ଓ ମଦ ରନ୍ଧା ସାମଗ୍ରୀ ନଷ୍ଟ କରାଯାଇଥିଲା। ଏହି ଘଟଣାକୁ ଇତିମଧ୍ୟରେ ୧୫ ଦିନ ବିତିଥିଲେ ବି ପୋଲିସ ଏ ଯାଏ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରି ପାରିନାହିଁ। ଫଳରେ ସମ୍ପୃକ୍ତ ବ୍ୟବସାୟୀ ଜଣକ ପୁଣି ଥରେ ମଦ କାରଖାନା ଆରମ୍ଭ କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି।

ଏହି ଅଞ୍ଚଳରେ ରନ୍ଧା ମଦ ଛଡ଼ା ଗଞ୍ଜେଇ, ହିରୋଇନ ଓ ଚରସ ଆଦି ନିଶାଦ୍ରବ୍ୟ ମଧ୍ୟ କାରବାର ହେଉଛି। ଗତ କିଛି ଦିନ ପୂର୍ବେ ରାଜନଗର ଅଞ୍ଚଳରେ ହିରୋଇନ ବ୍ୟବସାୟରେ ଛାତ୍ରୀଛାତ୍ରଙ୍କ ସମ୍ପୃକ୍ତିକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ତେବେ ଏ ନେଇ ବୁଦ୍ଧିଜୀବୀମାନେ ବାରମ୍ବାର ଅଭିଯୋଗ ପରେ ବି ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବେଆଇନ ନିଶା କାରବାରକୁ ଅନୁପ୍ରବେଶକାରୀ ପ୍ରୋତ୍ସାହିତ କରୁଥିବା ବେଳେ ଏହି ଦୁଇ ବ୍ଲକ ଅଞ୍ଚଳ ଏବେ ସାମାଜିକ ନିରାପତ୍ତା କ୍ଷେତ୍ରରେ ଅସୁରକ୍ଷିତ ହୋଇପଡ଼ିଛି। ଏ ନେଇ ମହାକାଳପଡ଼ା ବ୍ଲକ ଅଞ୍ଚଳର ବଡିଘର, ସୁନୀତି ଓ ରାମନଗର ଅଞ୍ଚଳରେ ଗତ ୩ ମାସ ମଧ୍ୟରେ ବାରମ୍ବାର ଆନ୍ଦୋଳନ ହୋଇଛି। ସେହିପରି ରାଜନଗର ବ୍ଲକର ଓଡ୍ରିଆ, ବନ୍ଧପାଟଣା, ନଗତ, ବେଲପାଳ, ସଙ୍କପଡ଼ା, ଗୋବିନ୍ଦପୁର, ମଦନପୁର, ଦାଣ୍ଡି, କଣ୍ଟିଆ ପ୍ରଭୃତି ଗ୍ରାମ ନିଶା ବେପାରୀଙ୍କ ଚରାଭୂଇଁ ପାଲଟିଛି। ଏ ସମ୍ପର୍କରେ ରାମନଗର ଗ୍ରାମର ପ୍ରମୋଦ ଦାସ କୁହନ୍ତି, ଖରିନାସୀର ଏକ ବ୍ୟବସାୟ ପେଣ୍ଠସ୍ଥଳିରୁ ଏକ୍ସପାଏରୀ ଡେଟ୍ ନ ଥିବା ୧୨୦୦ ପେଟି ମଦ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗତ ବର୍ଷକ ପୂର୍ବରୁ ଏକକାଳୀନ ଜବତ ହୋଇଥିଲା। ଖୋଲାମେଲା ସମୁଦ୍ର ତଟ ଦେଇ ବାଂଲାଦେଶରୁ ଏହି ନିଶାଦ୍ରବ୍ୟ ଆସୁଥିବା ସେ ସୂଚନା ଦେଇଛନ୍ତି।

ସେହିପରି ରାଜନଗର ବ୍ଲକ ଓଡ୍ରିଆ ଗ୍ରାମର ଅନିରୁଦ୍ଧ ସେଠୀ କୁହନ୍ତି, ନିଶା କାରବାର ବୃଦ୍ଧିରେ ଅନୁପ୍ରବେଶକାରୀଙ୍କ ମୁଖ୍ୟ ଭୂମିକା ରହିଛି। ସେମାନେ ଯୁବକମାନଙ୍କୁ ନିଶାରେ ଅଭ୍ୟସ୍ତ କରାଇ ଜାତୀୟ ଉଦ୍ୟାନରେ ପଶୁପକ୍ଷୀ ଶିକାର ପାଇଁ ଉପଯୋଗ କରୁଛନ୍ତି। ଉପାନ୍ତ ଅଞ୍ଚଳ ହେତୁ ପ୍ରଶାସନ ପକ୍ଷରୁ ଧରପଗଡ଼ ହେଉନାହିଁ। ଏହି ନିଶା କବଳରେ ଛାତ୍ରୀଛାତ୍ର ଓ ଯୁବପିଢ଼ି ପଡୁଥିବା ଲକ୍ଷ୍ୟ କରାଯାଉଛି। ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳ ଏବେ ପର୍ଯ୍ୟଟକଙ୍କ ପାଇଁ ଅସୁରକ୍ଷିତ ହୋଇ ଯାଉଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡା ଅବକାରୀ ଇନ୍ସପେକ୍ଟର ଅଂଶୁମାନ୍ ଜେନାଙ୍କୁ ପଚାରିବାରେ ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଗତ ମେ ମାସରୁ ଅଦ୍ୟାବଧି ଉକ୍ତ ଅଞ୍ଚଳରେ ଚଢ଼ାଉ କରାଯାଇ ବେଆଇନ ନିଶା କାରବାର ପାଇଁ ମୋଟ ୧୮ ଜଣଙ୍କୁ ଗିରଫ କରାଯାଇଥିବା ସେ ଦର୍ଶାଇଛନ୍ତି।

# ସିଏଚ୍‌ସି ନୂତନ ଗୃହ ଶିଳାନ୍ୟାସ

ଶିଳାନ୍ୟାସ ଉତ୍ସବ ଅବସରରେ ବିଧାୟକ ଶଶିଭୂଷଣ ବେହେରା ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୩।୧୧**

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଗୃହ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ସିଏଚ୍‌ସି ପାଇଁ ଦେଖା ଦେଇଥିବା ଗୃହ ସମସ୍ୟାର ସମାଧାନ ହୋଇପାରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧କୋଟି ୪୧ଲକ୍ଷ ୯୪ ହଜାର ଟଙ୍କାର ବ୍ୟୟବରାଦ ହୋଇଛି। ଏହି ଉତ୍ସବରେ ଜିଲା ପରିଷଦ ସଭାପତି ମାନସକୁମାର ପରିଡ଼ା, ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ସିଡିଏମ୍‌ଓ ଡା. ଉର୍ମିଳା ମିଶ୍ର, ମେଡିକାଲ ଅଫିସର ଶ୍ରୀକାନ୍ତ କୁମାର ସ୍ୱାଇଁ, ସରପଞ୍ଚ ରୀନା ମଳିକ ଓ ସମିତିସଭ୍ୟ ସନ୍ତୋଷ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଏଭରେଷ୍ଟ ଆରୋହଣ ଲାଗି ୨ ଛାତ୍ରୀଛାତ୍ର ମନୋନୀତ

**ବଉଳା, ୩।୧୧(ଡି.ଏନ.ଏ.)**

ଅଙ୍କିତା ମିଶ୍ର

ଭଗବାନ ମାଝୀ

ହାଟଡିହୀ ବ୍ଲକର ହଦଗଡ଼ ନବୋଦୟ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ଅଙ୍କିତା ମିଶ୍ର ଓ ଭଗବାନ ମାଝୀ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ ନବୋଦୟ ବିଦ୍ୟାଳୟ ସମିତି ପକ୍ଷରୁ ମନୋନୀତ ହୋଇଛନ୍ତି। ମାଉଣ୍ଟ ଏଭରେଷ୍ଟ ଫାଉଣ୍ଡେସନ ଆନୁକୂଲ୍ୟରେ ନଭେମ୍ବର ୪ ତାରିଖରୁ ୯ ତାରିଖ ଯାଏଁ ହେବାକୁ ଥିବା ତାଲିମ ଶିବିରରେ ଅଂଶଗ୍ରହଣ କରିବାକୁ ଭଗବାନ ଓ ଅଙ୍କିତା ହିମାଚଳ ପ୍ରଦେଶର କୁଲୁ ଓ ମନାଲି ଅଭିମୁଖେ ଯାତ୍ରା କରିଛନ୍ତି। ତାଙ୍କର ଏଭଳି ଯାତ୍ରାରେ ସଫଳ ପାଇଁ ହଦଗଡ଼ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାଗୀରଥୀ ସେଠୀ ଛାତ୍ରୀଛାତ୍ରଙ୍କୁ ସଫଳତାର ଶୁଭକାମନା ଜଣାଇଛନ୍ତି।

# ବିଜୁ ବାବୁଙ୍କ ଟିକ୍‌ଟକ୍ ଭିଡିଓକୁ ବିରୋଧ

**କେନ୍ଦ୍ରାପଡା ଅଫିସ, ୩।୧୧**

ଏଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶାର ବରପୁତ୍ର ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ନେଇ ଏକ ଟିକ୍‌ଟକ୍ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଭିଡିଓକୁ କେନ୍ଦ୍ରାପଡା ଜିଲା ବିଜେଡି ସଂଖ୍ୟାଲଘୁ ଓ ଯୁବ ସଂଖ୍ୟାଲଘୁ ପକ୍ଷରୁ ବିରୋଧ କରାଯାଇଛି। ସଂଖ୍ୟାଲଘୁ ସେଲ ସଭାପତି ସେକ୍ ମହମ୍ମଦ ଇନାୟତ ଓ ଯୁବ ସଂଖ୍ୟାଲଘୁ ସେଲ ମହମ୍ମଦ ଆମିରଙ୍କ ନେତୃତ୍ୱରେ ଭିଡିଓ ପ୍ରସ୍ତୁତକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର ଏଏସ୍‌ପି ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ମହମ୍ମଦ ଇନାୟତ ଏ ନେଇ କହିଛନ୍ତି ଯେ, ଓଡିଶାର ବରପୁତ୍ରଙ୍କୁ ଏହି ଭିଡିଓରେ ଅପମାନିତ କରାଯାଇଛି। ଏ ନେଇ ରାଜ୍ୟ ପୋଲିସର ତଦନ୍ତ ଆବଶ୍ୟକତା ଅଛି। ଦାବିପତ୍ର ପ୍ରଦାନ ସମୟରେ ଅବଦୁଲ ମାଜିଦ, ଅବରାର ଖାନ, ସେକ୍ ସଲାଉଦ୍ଦିନ, ସେକ୍ ଆଲ୍ଲାଦିନ ପ୍ରମୁଖ ସାମିଲ ହୋଇଥିଲେ।

# ନଭେମ୍ବର ୧୬ରେ ଅନାସ୍ଥା ଭୋଟ

**ମାହାଙ୍ଗା,୩।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତରେ ୧୬ ନଭେମ୍ବର ୨୦୧୯ରେ ଭାରପ୍ରାପ୍ତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାହାଙ୍ଗା ତହସିଲଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ରିପୋର୍ଟ ଜିଲା ଅଧିକାରୀଙ୍କୁ ଦିଆଯିବା ସହ ଅନାସ୍ଥା ପ୍ରସ୍ତାବ ସମୟରେ ପଞ୍ଚାୟତର ନିର୍ବାଚିତ ୱାର୍ଡ ସଭ୍ୟାସଭ୍ୟଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ନିର୍ବାଚିତ ହୋଇଥିବା ସରପଞ୍ଚଙ୍କ ତିନୋଟି ସନ୍ତାନ ଥିବା ନେଇ ଅଭିଯୋଗ ହୋଇଥିଲା।

## ଏକକ ପ୍ରଶ୍ନପତ୍ରରେ ବିଭ୍ରାଟ ଘଟଣା

# ଆଜି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଚଳିତ ବର୍ଷ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଆରମ୍ଭ ଏକକ ପରୀକ୍ଷା ବ୍ୟବସ୍ଥା ଲାଗୁ କରିଛନ୍ତି। ତେବେ ଷାଣ୍ମାସିକ ପରୀକ୍ଷା ଆରମ୍ଭରୁ ବିଭ୍ରାଟ ସାମ୍ନାକୁ ଆସିଛି। ଏହି ବ୍ୟବସ୍ଥା ଜରିଆରେ ସବୁ ଜିଲାରେ ସମାନ ସମୟରେ ସମାନ ପ୍ରଶ୍ନପତ୍ର ବ୍ୟବସ୍ଥା ହୋଇଥିଲା। ହେଲେ କେତେଗୁଡିଏ ବିଦ୍ୟାଳୟରେ ପିଲାଙ୍କ ତୁଳନାରେ ପ୍ରଶ୍ନପତ୍ର କମ୍ ଥିବା ଦେଖିବାକୁ ମିଳିଥିଲା। ଏଥିଲାଗି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଭାଗକୁ ସମାଲୋଚନା କରାଯାଇଥିଲା। ଏହା ବ୍ୟତୀତ ଆହୁରି କେତେଗୁଡିଏ ସ୍କୁଲରେ ବିଳମ୍ବରେ ଆସି ପ୍ରଶ୍ନପତ୍ର ପହଞ୍ଚିଥିଲା। କାହିଁକି ଏବଂ କେଉଁ ପରିସ୍ଥିତିରେ କେତେଗୁଡିଏ ସ୍କୁଲରେ ବିଳମ୍ବରେ ପ୍ରଶ୍ନପତ୍ର ପହଞ୍ଚିଥିଲା ଏବଂ ଆଉ କେତେକ ସ୍କୁଲରେ ଜମାରୁ ପହଞ୍ଚି ନ ଥିଲା ତା'ର ତର୍ଜମା କରିବାକୁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ମଧ୍ୟ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡିଛି। ଏହାର କାରଣ ଖୋଜିବା ପାଇଁ ସୋମବାର ମନ୍ତ୍ରୀ ଏକ ଜରୁରୀ ବୈଠକ ଡକାଇଛନ୍ତି। ବୈଠକରେ ବିଭାଗର ବହୁ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହି ଅବ୍ୟବସ୍ଥାର କାରଣ ସମ୍ପର୍କରେ କହିବେ ବୋଲି ସୂଚନା ମିଳିଛି। ପରୀକ୍ଷାରେ ବିଭ୍ରାଟ ଯେମିତି ଆଗକୁ ପୁନର୍ବାର ନ ଘଟିବ ତା' ଉପରେ ମଧ୍ୟ ଆଲୋଚନା ହେବାକୁ ଥିବା ସୂଚନା ମିଳିଛି।

ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ସାମଗ୍ରୀ।

# ଅଦରକାରୀ ପଦାର୍ଥରୁ ଆକର୍ଷଣୀୟ ସାମଗ୍ରୀ

**କର୍ମଶାଳାରେ ପ୍ରସ୍ତୁତ କଲେ ଛାତ୍ରୀଛାତ୍ର**

**ସୋର, ୩।୧୧(ଡି.ଏନ.ଏ.)**

ସୋରସ୍ଥିତ ବାଗୁଡ଼ି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୁଇଦିନିଆ କୋଲାଜ ପେଣ୍ଟିଂ କର୍ମଶାଳା ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହାକୁ ବରିଷ୍ଠ ଶିଳ୍ପୀ ରତିକାନ୍ତ ଦାଶ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରତିଷ୍ଠାନର କଳା ଶିକ୍ଷକ ଶିଳ୍ପୀ ରାଜବଲ୍ଲଭ ସାହୁ ଓ ସମ୍ମାନିତ ଅତିଥି ଭାବେ ବାଗୁଡ଼ି ଜବାହର ନବୋଦୟ ବିଦ୍ୟାଳୟର କଳା ଶିକ୍ଷକ ଧର୍ମପଦ ବିଶ୍ୱାଳ ଯୋଗଦେଇଥିଲେ। ପ୍ରତିଷ୍ଠାନର ଶହେ ଜଣ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

ଅଧ୍ୟକ୍ଷା ଜୟମାଳା ସେଠୀ ସଭାପତିତ୍ୱ କରିଥିଲେ। ପ୍ରତିଷ୍ଠାନରେ କଳାଶିକ୍ଷକ ଦୀର୍ଘଦିନ ଧରି ନ ଥିବା ସତ୍ତ୍ୱେ ଏଭଳି କାର୍ଯ୍ୟକ୍ରମ କରାଯାଇଥିଲା। କେବଳ ଛିଣ୍ଡା କାଗଜ, ଅଦରକାରୀ ପଦାର୍ଥ ଓ ଅଠା ସାହାଯ୍ୟରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ବିଶେଷ କରି ଜୀବଜନ୍ତୁ, ଗଛଲତା, ଫୁଲଦାନି ସହ ପାଠ୍ୟ ଉପକରଣ ତିଆରି କରାଯାଇଥିଲା। ଏହି ସାମଗ୍ରୀଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା। ଅତିଥିମାନେ କୋଲାଜ ପେଣ୍ଟିଂ କର୍ମଶାଳା ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଶେଷରେ ଶିକ୍ଷକ କଳିଙ୍ଗ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ନେତାଜୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ନୃସିଂହନାଥ କ୍ଲବ ଚାମ୍ପିୟନ

ଅତିଥିଙ୍କ ସହ ଉଭୟ ଟିମ୍‌ର ଖେଳାଳିମାନେ।

**ରାଜକନିକା, ୩।୧୧ (ଡି.ଏନ୍.ଏ.)**

ରାଜକନିକାର ଅନନ୍ନ ଅନୁଷ୍ଠାନ ନେତାଜୀ କ୍ଲବ ପକ୍ଷରୁ ଅନୁଷ୍ଠିତ ନେତାଜୀ କପ୍-୨୦୧୯ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ନୃସିଂହନାଥ କ୍ଲବ, ଗଞ୍ଜା ଟ୍ରାଇବେକର ମାଧ୍ୟମରେ ଏନ୍‌ଏସି ଚାନ୍ଦବାଲିକୁ ହରାଇ ଚାମ୍ପିୟନ ହୋଇଛି। ଏହି ଅବସରରେ ଶିବପ୍ରସାଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପରିଷ୍ଠ ନେତା ବିକାଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଶିବନାରାୟଣ ବାରିକ, ସରପଞ୍ଚ ବାସୁଦେବ ବିଶ୍ୱାଳ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଞ୍ଜୟ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ମୁଖ୍ୟ ଅତିଥି ନଗଦ ୭ ହଜାର ଟଙ୍କା ପୁରସ୍କାର ରାଶି 

# ପୋଲ ତଳକୁ କାର୍ ଖସି ଚାଳକ ମୃତ

ତାଳଚେର,୩।୧୧(ନି.ପ୍ର.)

ତାଳଚେର ଥାନା ଗୋଡ଼ିବନ୍ଧ-କନ୍ଧବେରେଣୀ ରାସ୍ତାର କନ୍ଧବେରେଣୀ ଗ୍ରାମ ନିକଟ ପୋଲ ତଳକୁ ଶନିବାର ରାତିରେ ଏକ କାର୍ ଖସି ପଡିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତାଳଚେର ପୌରାଞ୍ଚଳ ବୀରବରପଲ୍ଲିର ଅରୁଣ ସିଂହଙ୍କ ଏକମାତ୍ର ପୁଅ ଅମିତ ସିଂହ (୨୭)। ଅମିତ ରାତି ୧୧ଟାରେ ନିଜ ଦାଦାଙ୍କୁ କାର୍ (ନଂ. ଓଡିଶା୫-୫୮୮୩)ରେ ନେଇ ଘରକୁ ଫେରୁଥିବା ବେଳେ ଗାଡ଼ିଟି ପୋଲ ତଳକୁ ଖସିପଡିଥିଲା। କୌଣସି ମତେ ଦାଦା ଗାଡ଼ିରୁ ବାହାରକୁ ଚାଲି ଆସିଥିଲେ ହେଁ ଅମିତ କାର୍ ଭିତରୁ ବାହାରି ପାରି ନ ଥିଲେ। ଖବରପାଇ ନିକଟସ୍ଥ ବଲାଙ୍ଗୀ ଗ୍ରାମବାସୀ ପହଞ୍ଚି ଅମିତଙ୍କୁ ଉଦ୍ଧାର କରି ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ପୋଲର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନ ଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରବିବାର ତାଳଚେର ପୋଲିସ ଅମିତଙ୍କ ମୃତଦେହ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ତାଳଚେର ଥାନାରେ ଏ ସଂକ୍ରାନ୍ତରେ ଏକ ମକଦ୍ଦମା ରୁଜୁ କରାଯାଇଛି।

---

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., KHORDHA**

## Auction Sale of Mobile VAN

No. CAD-532: Sealed tenders are invited for auction sale of old Mobile Van bearing No. OR/02L/2549 of this organization. The up-set price of said vehicle is fixed to Rs. 1,40,000/- only. The last date of receipt of tender is dt. 15.11.19 upto 5.30 PM. The detail tender documents with terms & conditions of the tender shall be available in the District website i.e. www.khordha.nic.in or can be obtained from DM, OSCSC. Ltd., Khordha.

**Sd./- District Manager**
**OSCSC Ltd., Khordha**

07007/11/0003/1920

---

**ODISHA TOURISM DEVELOPMENT CORPORATION LIMITED**
(A Government of Odisha Undertaking)
Panthanivas (Old Block), Lewis Road,
Bhubaneswar – 751014

No. CAD-526

## QUOTATION CALL NOTICE

Sealed quotations are invited separately for different sections from registered Shopkeepers / Suppliers for supply of Groceries, Vegetables, Non- Veg. Items to the Panthanivases / Restaurants of OTDC inside the State for a period of one year w.e.f.1st day of signing of agreement. The detail information can be had from our website www.panthanivas.com. The last date of submitting quotation is by 2.00 P.M. on 14.11.2019.

**Sd./-MANAGING DIRECTOR**
**O.T.D.C. Ltd.**

37002/11/0013/1920

---

**OFFICE OF THE DIVISIONAL FOREST OFFICER, PURI WILDLIFE DIVISION**

**CHAKRATIRTHA ROAD, PURI e-mail- dfopuri@gmail.com**
**Tele Phone / Fax - 06752-228281**
**Tender Notice No.5674, Date: 23.10.2019**

## TENDER CALL NOTICE

No.MM-85 :- Sealed tenders are invited in two Bid systems from established / reputed / registered / experienced and accredited manufacturers for supply of following item for use in Puri Wildlife Division, Puri.

| Item | Cost of tender paper | EMD to be deposited |
|---|---|---|
| 1 | 2 | 3 |
| HDPE Floating Jetty | Rs.1,000/- | Rs.70,000/- |

Non transferable tender documents for supply of the item stated above will be available and can be available and can be collected in person from the office of the Divisional Forest Officer, Puri Wildlife Division, Chakratirtha Road, Puri, Odisha on payment of tender document cost specified above. The tender document cost which is non-refundable, should be payable in shape of crossed Demand Draft drawn in favour of the **"Divisional Forest Officer, Puri Wildlife Division"** payable at Puri.

1. Tender papers / documents will be available for sale in the O/o the Divisional Forest Officer, Puri Wildlife Division, Chakratirtha Road, Puri, During office hours from the date of publication of Tender Notice.
2. Receiving of Tender Papers will be within 3 P.M. of Dt.08.11.2019
3. Tender opening time 4 P.M. of dt.08.11.2019

**Sd./- Divisional Forest Officer**
**Puri Wildlife Division, Puri**

08031/11/0002/1920

---

## ନୋଟିସ

F-61

ଠିକଣା:

Khwaja Rehmat Ali
At : 2RB – 16/3
Unit – VIII
Gopabandhu Nagar,
Bhubaneswar

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆପଣ ବିନା ଛୁଟି ଦରଖାସ୍ତ ଓ ବିନା ଅନୁମତିରେ ସରକାରୀ କାର୍ଯ୍ୟରେ ଗତ ୩୧.୦୭.୨୦୧୯ ଠାରୁ ଅଦ୍ୟାବଧି ଅନୁପସ୍ଥିତ ରହିଅଛନ୍ତି । ଆପଣ ସରକାରୀ କାର୍ଯ୍ୟରେ ଯୋଗ ନଦେଇ କର୍ତ୍ତବ୍ୟରେ ଅବହେଳାପୂର୍ବକ କାର୍ଯ୍ୟ ସ୍ଥଳରେ ନିରବଚ୍ଛିନ୍ନ ଭାବେ ଅନୁପସ୍ଥିତ ରହିଛନ୍ତି । ଆପଣଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆପଣ ସରକାରୀ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା କୌଣସି ଉତ୍ତର ମଧ୍ୟ ରଖୁନାହାଁନ୍ତି । ଆପଣଙ୍କ ଏତାଦୃଶ ଅନୁପସ୍ଥିତି କାରଣରୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ତାହାର ଉଦ୍ଦେଶ ସାଧିତ ହେଉନାହିଁ ।

**ପାରାଦୀପ,୩।୧୧(ସ୍ୱ.ପ୍ର.):** ସ୍ଥାନୀୟ ଡିଏଭି ସ୍କୁଲ ପରିସରରେ ଆନ୍ତଃ ବିଭାଗୀୟ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡିଏଭି ଜୋନ୍-୧ର ସ୍କୁଲଗୁଡ଼ିକ ଏଥିରେ ଭାଗ ନେଇଥିଲେ। ଚନ୍ଦ୍ରଶେଖରପୁର ଓ ଇଫ୍‌କୋ ସ୍କୁଲ୍ ମଧ୍ୟରେ ଫାଇନାଲ୍ ହୋଇଥିଲା। ଇଫ୍‌କୋ ୧-୦ ଗୋଲ୍‌ରେ ଚାମ୍ପିୟନ ହୋଇଛି। ଇଫ୍‌କୋ କାରଖାନା ପାରାଦୀପ ମୁଖ୍ୟ କେଜେ ପଟେଲ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଡିଏଭିର ଆଞ୍ଚଳିକ ନିର୍ଦ୍ଦେଶକ କେଶବ ଚନ୍ଦ୍ର ଶତପଥୀ, ଉପନିର୍ଦ୍ଦେଶିକା ସୁନିତା ସାହୁ, ଅଧକ୍ଷ ବଳରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କାଳୀପୂଜା ଭସାଣି ଉତ୍ସବ

**ଏରସମା,୩।୧୧(ସ୍ୱ.ପ୍ର.):** ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ମଣ୍ଡପରେ କାଳୀ ପୂଜାର ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ରବୀନ୍ଦ୍ର କୁମାର ମୁଦୁଲିଙ୍କ ତତ୍ତ୍ୱାଧାନରେ ପୂଜାର ବିଭିନ୍ନ ଦିବସରେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଉମେଶ ସ୍ୱାଇଁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ଶିବ ପ୍ରସାଦ ଦାସ, ଇଂ. ନଳିନୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ମାଷ୍ଟର ମାଇଣ୍ଡଙ୍କୁ ମୁମ୍ବାଇରେ ଖୋଜୁଛି ପୋଲିସ

## ଜଜାଙ୍ଗ ରଶ୍ମିରଞ୍ଜନ ହତ୍ୟା ମାମଲା

**ଜଗତ୍‌ସିଂହପୁର ଅଫିସ,୩।୧୧**

ତିର୍ତ୍ତୋଲ ଥାନା ଅଧୀନ ବେଗୁଡିଆ ଜଜାଙ୍ଗ ଗ୍ରାମର ଦୀପା ଓରଫ ରଶ୍ମିରଞ୍ଜନ ସ୍ୱାଇଁ ହତ୍ୟା ମାମଲାର ମାଷ୍ଟର ମାଇଣ୍ଡଙ୍କୁ ମୁମ୍ବାଇରେ ଖୋଜୁଛି ପୋଲିସ। ସମ୍ପୃକ୍ତ ଅଭିଯୁକ୍ତ ଚଞ୍ଚକତାପୂର୍ବକ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାରୁ ପୋଲିସକୁ ଗିରଫ କରିବାରେ ବିଳମ୍ବ ହେଉଛି। ତଥାପି ଶୀଘ୍ର ଅଭିଯୁକ୍ତ କବ୍‌ଜାକୁ ଆସିବେ ବୋଲି ତିର୍ତ୍ତୋଲ ଆଇଆଇସି କୃଷ୍ଣପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଜଗତ୍‌ସିଂହପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ୫ ଜଣିଆ ଦଳ ମୁମ୍ବାଇ ଯାଇ ତାଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି। ତାଙ୍କ ଠିକଣା, ମୋବାଇଲ ନମ୍ବର ଆଦି ପୋଲିସକୁ ଜଣାଥିବାରୁ ବିଶେଷ ଅସୁବିଧା ହେବନାହିଁ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଗତ ମାସ ୨୨ ତାରିଖରେ ରଶ୍ମିରଞ୍ଜନଙ୍କୁ ବାଲିକୁଦା ଥାନା ମୁଲୁଗାଁର ଜଗା ଓରଫ ଜଗନ୍ନାଥ ଦାସ ଓ ଏହି ଥାନା ସରଣା ଗାଁର ରାଜା ଓରଫ ରାକେଶ ରଞ୍ଜନ ମୁଦୁଲି ମିଶି କଟରା ପଞ୍ଚାୟତ ପୋଖରୀ ନିକଟରେ ହତ୍ୟା କରିଥିଲେ। ପରେ ମୃତଦେହକୁ ପୋଖରୀରେ ଫିଙ୍ଗି ଦେଇଥିବା ପୋଲିସ ତଦନ୍ତରୁ ଜଣାଯାଇଥିଲା। ତଦନ୍ତକୁ ଆଧାର କରି ତିର୍ତ୍ତୋଲ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଧରିବା ପରେ ହତ୍ୟାକାଣ୍ଡର ରହସ୍ୟ ପଦାକୁ ଆସିଥିଲା। ଏହି ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ହେଉଛନ୍ତି ଜଜାଙ୍ଗ ଗ୍ରାମର ଜଣେ ମହିଳାଙ୍କ ସ୍ୱାମୀ ଯିଏକି ମୁମ୍ବାଇର ଏକ କମ୍ପାନୀରେ ଶ୍ରମିକ ସୁପରଭାଇଜର ଭାବେ କାମ କରନ୍ତି। ସମ୍ପୃକ୍ତ ମହିଳାଙ୍କୁ ରଶ୍ମିରଞ୍ଜନ ବଳ ପୂର୍ବକ ଯୌନ ସମ୍ପର୍କ ରଖିବା ପାଇଁ ଚେଷ୍ଟା କରି ବିଫଳ ହେବାରୁ କ୍ରୋଧାନ୍ୱିତ ହୋଇ ପଡିଥିଲେ। ଏପରି କି ମହିଳାଙ୍କ ଛୋଟ ସନ୍ତାନ ଓ ସ୍ୱାମୀଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ପରିସ୍ଥିତି ଜଟିଳ ହେବାରୁ ମହିଳା ତାଙ୍କ ସ୍ୱାମୀଙ୍କୁ ଫୋନ୍‌ରେ ସୂଚନା ଦେଲା ପରେ ପରିସ୍ଥିତି ଭିନ୍ନ ମୋଡ ନେଇଥିଲା। ମହିଳାଙ୍କ ସ୍ୱାମୀ କୌଣସି ପରିସ୍ଥିତିରେ ରଶ୍ମିରଞ୍ଜନଙ୍କୁ ହତ୍ୟା କରିବାକୁ ଚାହିଁଥିଲେ। ସୌଭାଗ୍ୟ ଚାକିରି ଅନୁସନ୍ଧାନରେ ମୁମ୍ବାଇ ଯାଇଥିବା ମାଷ୍ଟରମାଇଣ୍ଡର ସମ୍ପର୍କୀୟ ଭାଇ ଜଗା ଏହି କାମ ପାଇଁ ରାଜି ହୋଇ ଯାଇଥିଲେ। ୩ ଲକ୍ଷ ଟଙ୍କା ଡିଲ୍ ହୋଇଥିଲା। ପ୍ରଥମେ ୨୦ ହଜାର ଜଗା ନେଇଥିଲେ। ମୁମ୍ବାଇରୁ ଗାଁକୁ ଗଲା ବେଳେ ୫୦ ହଜାର ଟଙ୍କା ନେଇଥିଲେ। ରଶ୍ମିରଞ୍ଜନଙ୍କ ଜଣେ ବନ୍ଧୁ ହେଉଛନ୍ତି ରାଜା। ତେଣୁ ରାଜାଙ୍କ ସହାୟତାରେ ରଶ୍ମିରଞ୍ଜନଙ୍କୁ ହତ୍ୟା ପାଇଁ ଜଗା ଷଡଯନ୍ତ୍ର ରଚିଥିଲେ। ରାଜା ମଧ୍ୟ ଏଥିରେ ରାଜି ହୋଇ ଯାଇଥିଲେ। ଯୋଜନା ମୁତାବକ ସେମାନେ କଟରା ପଞ୍ଚାୟତ ପୋଖରୀ ପାର୍ଶ୍ୱରେ ମଦ୍ୟପାନ କରିଥିଲେ। ପରେ ଜଗା ଏକ ହଁସୁଆ କଟୁରୀରେ ରଶ୍ମିରଞ୍ଜନଙ୍କୁ ହାଣି ପୋଖରୀରେ ପକାଇ ଦେଇଥିଲେ। ହତ୍ୟାକାଣ୍ଡ ପରେ ମାଷ୍ଟରମାଇଣ୍ଡ ଆଉ ୫୦ ହଜାର ଟଙ୍କା ଦେଇଥିଲେ। ଜଗା ଏହା ଭିତରେ ୧,୨୦,୦୦୦ ଟଙ୍କା ନେଇଥିବା ବେଳେ ଅବଶିଷ୍ଟ ୧,୮୦,୦୦୦ ଟଙ୍କା ପାଇବାର ଥିଲା।

# ବିକାଶରେ ବାଧକ ସାଜିଛି ଦୁର୍ନୀତି

ଦୁର୍ନୀତି ନିବାରଣ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଜଗତ୍‌ସିଂହପୁର ଅଫିସ,୩।୧୧**

ଆମ ଦେଶର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ବିକାଶରେ ଦୁର୍ନୀତି ପ୍ରମୁଖ ବାଧକ ସାଜିଛି। ଏହାର ମୁଲୋତ୍ପାଟନ ନିମନ୍ତେ ସମସ୍ତେ ଐକ୍ୟବଦ୍ଧ ଭାବେ ଉଦ୍ୟମ କରିବ ଉଚିତ। ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ ଏହା କହିଛନ୍ତି। ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ କହିଥିଲେ, ସାଧୁତା ଓ ସଚ୍ଚୋଟତା ହିଁ ଆମ୍ଭମାନଙ୍କର ସମ୍ବଳ। ତେଣୁ ପ୍ରତ୍ୟେକ ଏଥିପ୍ରତି ଦାୟିତ୍ୱବାନ ହେବା ଉଚିତ। ଉତ୍ସବରେ ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ନିରୀକ୍ଷକ ହେମନ୍ତ କୁମାର ମହାନ୍ତି ସଚ୍ଚୋଟତାକୁ ବ୍ରତ ଭାବରେ ଗ୍ରହଣ କରିବା ଉପରେ ମତ ରଖିଥିଲେ। ବ୍ୟକ୍ତିଗତ ବ୍ୟବହାରରେ ସାଧୁତା ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାକୁ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ସମାଜରେ ଦୁର୍ନୀତିରୂପକ ରାକ୍ଷସ ବିରୋଧରେ ସଂଗ୍ରାମ କରିବା ଏବଂ ସାଧୁତା ଓ ସଚ୍ଚୋଟତାର ସର୍ବୋଚ୍ଚ ମନ୍ତ୍ରକୁ ଅନୁସରଣ କରିବାର ଆବଶ୍ୟକତା ରହିଥିବା କହିଥିଲେ। ଉତ୍ସବରେ କୁତାମଚଣ୍ଡୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଶ୍ରୀକୃଷ୍ଣ ଏକାଡେମୀ ପ୍ରଧାନଶିକ୍ଷକ ସନାତନ ଖୁଣ୍ଟିଆଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଓ ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

### ଭିଜିଲାନ୍ସ ସଚେତନତା ସପ୍ତାହ ଉଦ୍‌ଯାପିତ

**ପାରାଦୀପ,୩।୧୧(ସ୍ୱ.ପ୍ର.):** ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମଧୁବନସ୍ଥିତ ଅଫିସର୍ସ କ୍ଲବ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡେପୁଟି ସିଭିଓ ଏଚ୍‌ଏସ୍ ରାଉତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର କର୍ମଚାରୀ, ବିଭାଗୀୟ ମୁଖ୍ୟ ଓ ବନ୍ଦର ବ୍ୟବହାରକାରୀ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ। କର୍ମକ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ବଜାୟ ରଖିବା ପାଇଁ ଅଧକ୍ଷ ରାୟ କହିଥିଲେ। ଶେଷରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଇଫ୍‌କୋ ପରିସରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଇଫ୍‌କୋ ୟୁନିଟ୍ ମୁଖ୍ୟ କେ.ଜେ ପଟେଲଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ଏଡିଏମ୍ କାହ୍ନୁଚରଣ ଧୀର ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌କେ ମଲ୍ଲ, ଅଜୟ ବାଜପେୟୀ, ପ୍ରସନ୍ନ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗ ବାଲିଯାତ୍ରା ପାଇଁ ଟେଣ୍ଡର ପୂର୍ବରୁ ଟେଣ୍ଟ ନିର୍ମାଣ ଘଟଣା

# ଆଜି ଆନ୍ଦୋଳନକୁ ଓହ୍ଲାଇବ ବିଜେଡି

ପାରାଦୀପ ପୌରପରିଷଦ ଆଗରେ ଭାଜପା କର୍ମୀ ଧାରଣାରେ ବସିଛନ୍ତି।

**ପାରାଦୀପ,୩।୧୧(ସ୍ୱ.ପ୍ର.)**

ପାରାଦୀପର କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଯେତିକି ପାଖେଇ ଆସୁଛି ବିବାଦ ମଧ୍ୟ ସେହି ମାତ୍ରାରେ ବଢୁଛି। ବାଲିଯାତ୍ରାରେ ଟେଣ୍ଟ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାତ୍ର ଟେଣ୍ଡର ଖୋଲା ଯିବା ପୂର୍ବରୁ ଟେଣ୍ଟ କାମ ଆରମ୍ଭ ହୋଇଥିଲା। ଏହାକୁ ନେଇ ଭାଜପା ଗତ ଏକ ତାରିଖରୁ ପୌରପାଳିକା ଆଗରେ ଅହୋରାତ୍ର ଧାରଣା ଦେଇ ପ୍ରତିବାଦ କରୁଛି। ବାଲିଯାତ୍ରା କମିଟି ଅଧକ୍ଷ ତଥା ଜିଲାପାଳ ଧାରଣାସ୍ଥଳକୁ ଆସି ଆଲୋଚନା ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହା ମଧ୍ୟରେ ବିଜେଡି ମଧ୍ୟ ସୋମବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ରବିବାର ରାତି ୯ଟାରେ ଘୋଷଣା କରିଛି। ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଭାଜପା ନେତା ସମ୍ପଦ ସ୍ୱାଇଁ କହିଛନ୍ତି, ବାଲିଯାତ୍ରାରେ ଟେଣ୍ଟ ନିର୍ମାଣ ପାଇଁ ପୌରପାଳିକା ଟେଣ୍ଡର ଆହ୍ୱାନ କରିଥିଲା। ଟେଣ୍ଡର ଖୋଲାହେବା ସମୟ ନଭେମ୍ବର ୨ ଥିବାବେଳେ ତା ପୂର୍ବରୁ ୮୦ ଭାଗ କାମ ସରିଥିଲା। ତେଣୁ ଏଥିରେ ଦୁର୍ନୀତି ହୋଇଥିବା ଜଳଜଳ ଦିଶୁଛି। ତେବେ ଏପରି ସବୁ କାମରେ ଦୁର୍ନୀତି ହେଉଥିବାରୁ ଧାରଣା ଦିଆଯାଇଛି। ସୋମବାର ଦଳର ଶତାଧିକ କର୍ମୀ ପୌର ପ୍ରଶାସନ ଭବନରେ ତାଲା ପକାଇବେ।

### ଭାଜପାର ଆନ୍ଦୋଳନ ଜାରି

ଭାଜପାର ଏହି ପ୍ରତିବାଦ କଥା ଶୁଣିବା ପରେ ବିଜେଡି ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଦଳର ନଗର ସଭାପତି ସୁମନ୍ତ କୁମାର ବିଶ୍ୱାଳ କହିଛନ୍ତି, ଦଳ ପକ୍ଷରୁ ସୋମବାର ସକାଳ ୯ଟାରେ ମହାପ୍ରଗତି ଶୋଭାଯାତ୍ରା ଓ ସମାବେଶ ପୌରପାଳିକା ଆଗରେ କରାଯିବ। ଭାଜପା ଅଯଥାରେ ଯେଉଁ କୁସାରଟନା କରୁଛି ତାର ଜବାବ ରାଜନୈତିକ ଢଙ୍ଗରେ ଦିଆଯିବ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

**ବାଲିକୁଦା,୩।୧୧(ସ୍ୱ.ପ୍ର.)**

ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ନାଗପୁରସ୍ଥିତ ମା' ଜାଗୁଳାଇଙ୍କପୀଠରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୃଦ୍ଧ ବାଲିକୁଦା ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା। ସଂସଦ ସଭାପତି କୈଳାସ ବିଶ୍ୱାଳଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଦାବି ଅପେକ୍ଷା ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ଜଗତ୍ ପ୍ରସାଦ ମହାନ୍ତି ଯୋଗଦେଇ ମନରେ ନିମ୍ନ ଚେତନା ରଖିବା ଉଚିତ ନୁହେଁ ବୋଲି କହିଥିଲେ। ସମ୍ମାନିତ ଅତିଥି ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ସାମାଜିକ କର୍ମୀ ସଞ୍ଜୟ ମହାନ୍ତି, ଆଇନଜୀବୀ ସୁଶାନ୍ତ କାନୁନ୍‌ଗୋ, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟା ଜୟଶ୍ରୀ ବଦର୍ପଦଳିନୀ ମଲ୍ଲ ଯୋଗଦେଇ ସଂସଦର ଏତାଦୃଶ ପରିକଳ୍ପନାକୁ ସ୍ୱାଗତ କରିଥିଲେ। ଅଳକା ନଦୀର ପୁନରୁଦ୍ଧାର, ଗମନା ଗମନ, ଶିକ୍ଷା, କୃଷି ଜଳସେଚନ ଓ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଏଥିରେ ଯୋଗଦେଇଥିବା କୃଷ୍ଣଚନ୍ଦ୍ର ବାରିକ, ଡ. ବିଷ୍ଣୁଚରଣ ସ୍ୱାଇଁ, ଜତିନ ପରିଡା, ବିଜୟ ଦାସ, ଭାଗିରଥି ମହାନ୍ତି, ବିପିନ ସ୍ୱାଇଁ, ରମେଶ ପୁଷ୍ଟି, କୃଷ୍ଣଚନ୍ଦ୍ର ଶତପଥୀ, ସୁରେମନ୍ଦ୍ର ପଣ୍ଡା, ଧର୍ମାନନ୍ଦ ଦାସ, ଜ୍ୟୋତିରଞ୍ଜନ ପରିଡା, ଗନ୍ଧର୍ବ ସାହୁ, ନୀଳମଣି ବେହେରା, ନିକୁ ବିଶ୍ୱାଳ ପ୍ରମୁଖ ମତ ରଖିଥିଲେ। ସଂସଦ ସମ୍ପାଦକ ଅରୁଣ ମହାନ୍ତି ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିଥିବା ବେଳେ ସଦସ୍ୟ ରାମଚନ୍ଦ୍ର ଶତପଥୀ ଧନ୍ୟବାଦ ଦେଇଥିଲେ।

### ପୂର୍ବ ଶତ୍ରୁତାରୁ ୨ ଗାଁ ମଧ୍ୟରେ ବିବାଦ ଘଟଣା

# ପୋଲିସ ଉପସ୍ଥିତିରେ ହେଲା ସମାଧାନ

**ବାଲିକୁଦା, ୩।୧୧ (ସ୍ୱ.ପ୍ର.):** ପୂର୍ବ ଶତ୍ରୁତାକୁ ନେଇ ବାଲିକୁଦା ଥାନା ଅଧୀନ ଅଳାଭର ଶାସନ ଉଚ୍ଚ ବିଦ୍ୟାଳୟରେ ପଢୁଥିବା କଣିଆ ଗାଁର କେତେଜଣ ଛାତ୍ରଙ୍କୁ ଅଲିକଣା ଗାଁର ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାକୁ ନେଇ କଣିଆ ଓ ଅଲିକଣା ଗାଁ ମଧ୍ୟରେ ବିବାଦ ଦେଖା ଦେଇଥିଲା। ରବିବାର ପୋଲିସ ଉପସ୍ଥିତିରେ ବିବାଦର ସମାଧାନ ହୋଇଛି। ଭବିଷ୍ୟତରେ ଯେପରି ଉଭୟ ଗାଁ କୌଣସି ପରିସ୍ଥିତିରେ ଗଣ୍ଡଗୋଳ ନ କରିବେ ସେଥିପାଇଁ ଏକ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଘଟଣାର ଆପୋସ ସମାଧାନ ପାଇଁ ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ ଉଭୟ ଗାଁର ମୁରବୀ, ଜନ ପ୍ରତିନିଧି ଓ ବ୍ୟକ୍ତି ବିଶେଷଙ୍କୁ ଡକାଇଥିଲେ। ପାଲଙ୍କ ଆହ୍ୱାନକ୍ରମେ ଏକ ବୈଠକ ଉଭୟ ପକ୍ଷଙ୍କୁ ନେଇ ବାଲିକୁଦା ଥାନାରେ ହୋଇଥିଲା। ଏହି ବୈଠକରେ ବିବାଦର ସମାଧାନ କରାଯାଇଥିଲା।

ସୂଚନାଯୋଗ୍ୟ, ୬ ମାସ ତଳର ଏକ ଘଟଣାକୁ କେନ୍ଦ୍ରକରି ଅଲିକଣା ଗାଁର ଜଣେ ଅସାମାଜିକ ଯୁବକ ଶାସନ ଅଳାଭର ଉଚ୍ଚ ବିଦ୍ୟାଳୟରେ ପଢୁଥିବା କେତେଜଣ ଛାତ୍ରଙ୍କୁ ଗତ ଗୁରୁବାର ମାରଧର କରିବା ସହିତ ସ୍କୁଲକୁ ନ ଆସିବା ପାଇଁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏନେଇ ପିଲାମାନେ ସେମାନଙ୍କ ଅଭିଭାବକଙ୍କୁ ଜଣାଇଥିଲେ। ଏହାପରେ କଣିଆ ଗାଁର ଯୁବକମାନେ ଅଲିକଣା ଗାଁକୁ ଯାଇ କିଛି ଲୋକଙ୍କୁ ମାରଧର କରିଥିଲେ। ଏହି ସମୟରେ ଗାଁର ମହିଳାମାନେ ଯୁବକଙ୍କୁ ବାଡିଆ ପିଟା କରିଥିଲେ। ମାଡ ଭୟରେ ଯୁବକମାନେ ଚାଲିଯାଇଥିଲେ। ମାତ୍ର ସେଠାରେ ଦୁଇଟି ବାଇକ ଛାଡି ଚାଲି ଆସିଥିଲେ। ରାଗରେ ବାଇକ୍ ଦୁଇଟିକୁ ମହିଳାମାନେ ଭାଙ୍ଗି ଦେଇଥିଲେ। ଖବର ପାଇ ବାଲିକୁଦା ପୋଲିସ ପହଞ୍ଚି ବାଇକ ଦୁଇଟିକୁ ଜବତ କରିଥିଲା। ଏହାପରେ ଉଭୟ ଗାଁ ମଧ୍ୟରେ ଛକାପଞ୍ଜା ଲାଗି ରହିଥିଲା।

# ଶ୍ରୀଅରବିନ୍ଦ ଆଶ୍ରମ ବୁଲିଲେ ମନ୍ତ୍ରୀ

ମନ୍ତ୍ରୀ ରଘୁନନ୍ଦନ ଦାସ ଶ୍ରୀମାଙ୍କ ଦେହାବଶେଷରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

**ବାଲିକୁଦା,୩।୧୧(ସ୍ୱ.ପ୍ର.):** ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେବାକୁ ରବିବାର ଆସିଥିବା ମନ୍ତ୍ରୀ ରଘୁନନ୍ଦନ ଦାସ ସ୍ଥାନୀୟ ନାଗପୁରସ୍ଥିତ ଶ୍ରୀମା' ଶ୍ରୀଅରବିନ୍ଦ ଆଶ୍ରମ ବୁଲିଥିଲେ। ଏହି ଅବସରରେ ମନ୍ତ୍ରୀ ଦା

## ସଂକ୍ଷେପରେ

### ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

**ଧର୍ମଶାଳା,୩।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ବିଜେଡି କାର୍ଯ୍ୟାଳୟରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରର ପର୍ବରେ ସେବତିପୁର ଗ୍ରାମର ରବୀନ୍ଦ୍ର କୁମାର ନାୟକ, ଜଳଧର ମହାନ୍ତି, ବିଜୟ କୁମାର ନାୟକ, ଈଶ୍ୱର ନାୟକ, ଦିଲୀପ ନାୟକ, ସନ୍ତୋଷ ସାହୁ, ଗଦାଧର ସାହୁ, ଦେବୀ ପ୍ରସାଦ ନାୟକ, ସୁଧାଂଶୁ ନାୟକ, ସାଗର କବି, ଶଶୀକାନ୍ତ ନାୟକ ପ୍ରମୁଖ ବହୁକର୍ମୀ ଯୋଗଦେଇଥିଲେ। ନୂତନ କର୍ମୀଙ୍କୁ ବିଧାୟକ ବଳବନ୍ତରାୟ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଜିଲା ବିଜେଡି ସମ୍ପାଦକ ପ୍ରିୟନାଥ ମହାପାତ୍ର, ପୂର୍ବ;ତନ ଉପାଧ୍ୟକ୍ଷ ଜଳଧର ମହାନ୍ତି, ସଂଗ୍ରାମ ଜେନା, ବ୍ଲକ ବିଜେଡି ସଭାପତି ନିରଞ୍ଜନ ବଳ, ସରପଞ୍ଚ ଶ୍ୟାମସୁନ୍ଦର ସାହୁ, ସୁଦାମ ବେହେରା, ନିର୍ମଳ ପ୍ରଧାନ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ, ସ୍ୱାମୀ କୋର୍ଟ ଚାଲାଣ

**କଳିଙ୍ଗନଗର,୩।୧୧(ଡି.ଏନ୍.ଏ.):** ଦାନଗଦା ଫାଣ୍ଡି ପୋଲିସ ରବିବାର ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସ୍ୱାମୀ ଜଣଙ୍କ ହେଲେ ଯାଜପୁରରୋଡ ଥାନା ଅନ୍ତର୍ଗତ ଦାନଗଦା ନିଉସିଆରିଆର ସେକ୍ ନସିମ ଅକତାର(୩୦)। ଗତ ଦେଢ଼ ବର୍ଷ ତଳେ ସେକ୍ ନସିମ ସହ ଫାଫିନାଙ୍କ ବିବାହ ହୋଇଥିଲା। ହେଲେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ଗଣ୍ଡଗୋଳ ହେଉଥିଲା। ଶାଶୁ ଓ ନଣନ୍ଦ ମଧ୍ୟ ଫାଫିନାଙ୍କୁ ମାରଧର କରୁଥିବା ୧ ତାରିଖରେ ଫାପିନା ବାପ ଘରକୁ ଆସି ଦାନଗଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୩୬୪/୧୯) ରୁଜୁକରି ନସିମଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତଜାରି ରହିଛି ବୋଲି ଫାଣ୍ଡିଅଧିକାରୀ ସୌଭାଗ୍ୟ ନାୟକ ସୂଚନା ଦେଇଛନ୍ତି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଯାଜପୁର ରୋଡ, ୩।୧୧(ନି.ପ୍ର.):** ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ବୀଣାପାଣି ସାହିର ଧର୍ମପରାୟଣ ବ୍ୟକ୍ତି ତଥା ଶ୍ରୀମାନ ଅରବିନ୍ଦଙ୍କ ଅନୁଗାମୀ ଗୋବିନ୍ଦ ଚନ୍ଦ୍ର ପ୍ରତିହାରୀଙ୍କ(୭୮) ବର୍ଷରେ ରବିବାର ପରଲୋକ ହୋଇଛି। ସେ ରାଜସ୍ୱ ବିଭାଗରେ ଚାକିରୀରୁ ଅବସର ନେଲାପରେ ମୁଣ୍ଡମାଳଠାରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲିଥିଲେ। ପରଲୋକ ଖବର ପାଇ ଅରବିନ୍ଦଙ୍କ ଅନୁଗାମୀ ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ।

## ଜଗନ୍ନାଥ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ

# ୬ଷ୍ଠରୁ ୮ମ ଶ୍ରେଣୀ ଖୋଲିବାକୁ ଦାବି

**ଯାଜପୁର ରୋଡ,୩।୧୧(ନି.ପ୍ର.)**

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨୬ନଂ ୱାର୍ଡରେ ଜଗନ୍ନାଥ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରାବାସ ଏବଂ ଶ୍ରେଣୀ ସଂଖ୍ୟା ବୃଦ୍ଧି ପାଇଁ ଦାବି ହୋଇଛି। ୨୦୧୧ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ୪୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଅଧିକାଂଶ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଏଠାକାର ଜମି ପଟ୍ଟା ନ ଥିବାରୁ ଜଙ୍ଗଲ ଜମିରେ ୩୦ବର୍ଷ ଧରି ଦିନମଜୁରିଆଭାବେ କାମ କରି ଆସୁଛନ୍ତି। ଅଭାବ ଅନଟନ ଯୋଗୁ ପରିବାର ଲୋକେ ପିଲାମାନଙ୍କୁ କାମ କରିବାକୁ ପଠାଉଛନ୍ତି। ଏପରି କି ନିଜେ ମଧ୍ୟ ବାହାରକୁ କାମକୁ ଯାଉଥିବାବେଳେ ପିଲାମାନଙ୍କୁ ସାଙ୍ଗରେ ନେଉଛନ୍ତି। ଫଳରେ ଅଧିକାଂଶ ପିଲା ସ୍କୁଲକୁ ଆସି ପାରୁ ନାହାନ୍ତି। ଏହି ବିଦ୍ୟାଳୟଟି ସର୍ବଶିକ୍ଷା ଯୋଜନାରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲା ଯାଇଛି। ବହୁ ପିଲା ୫ମ ଶ୍ରେଣୀ ପାଠ ପଢିବା ପରେ ଆଉ ପାଠ ନ ପଢ଼ି ଜରି ଗୋଟାଇବା ସହ ଅନ୍ୟାନ୍ୟ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହି ସ୍କୁଲ ନିକଟରେ ଅନ୍ୟ ସ୍କୁଲ ନ ଥିବାରୁ ସେମାନେ ପାଠ ପଢିବାକୁ ଯାଉ ନ ଥିବା ଅଭିଭାବକମାନେ କହିଛନ୍ତି। ସ୍କୁଲରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ଖୋଲିବା ସହିତ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଖୋଲିବା ପାଇଁ ସ୍କୁଲର ପ୍ରଧାନଶିକ୍ଷକ ଓ ସ୍କୁଲ କମିଟିର ସଭାପତି ବହୁବାର ଜିଲାପାଳ, ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ଗତ ବୁଧବାର ପ୍ରଧାନଶିକ୍ଷକ ମଧ୍ୟ ଜିଲା ପ୍ରକଳ୍ପ ସଂଯୋଜକ ସମସ୍ତ ଶିକ୍ଷା କର୍ତ୍ତୃପକ୍ଷ ଓ ଜିଲାପାଳଙ୍କୁ ଚିଠି ଲେଖିଥିବା ଜଣାପଡିଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ସାନ୍ତନୁ କୁମାର ଧଳଙ୍କୁ ପଚାରିବାରୁ, ପିଲାମାନଙ୍କୁ ପାଠ ପଢାଇବା ପାଇଁ ଘରଘର ବୁଲି ଆଣିବାକୁ ପଡୁଛି। ଏଠାରେ ଛାତ୍ରାବାସ ଖୋଲାଗଲେ ସମସ୍ତ ପିଲାମାନେ ଏହି ଛାତ୍ରାବାସରେ ପାଠ ପଢିପାରିବେ ବୋଲି କହିଛନ୍ତି। ଏହି ସ୍କୁଲରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ଖୋଲିବା ପାଇଁ ଦୁଇବର୍ଷ ହେବ ଚିଠି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସ୍କୁଲର ସଭାପତି ବିଶ୍ୱାମିତ୍ର ପାତ୍ର କହିଛନ୍ତି। ଜିଲାପାଳ ଓ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଲୋକାରଣ୍ୟ ହେଉଛି ପୂଜା ମଣ୍ଡପ

**ଯାଜପୁର ରୋଡ, ୩।୧୧(ନି.ପ୍ର.)**

ଯାଜପୁର ରୋଡ୍‌ସ୍ଥିତ ପୂଜା ମଣ୍ଡପ ନିକଟରେ ଲୋକେ ଭିଡ଼ ଜମାଇଛନ୍ତି।

ଯାଜପୁର ରୋଡ୍ ସହରରେ ମା'କାଳୀଙ୍କ ପୂଜା ଅଷ୍ଟମ ଦିନରେ ପହଞ୍ଚିଛି। ରବିବାର ଛୁଟିଦିନ ଥିବାରୁ ପାଖାପାଖି ୫୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିବା ଜଣାପଡିଛି। ଫଳରେ ବିଭିନ୍ନ ପୂଜା ମଣ୍ଡପରେ ଲୋକାରଣ୍ୟ ଦେଖିବାକୁ ମିଳିଥିଲା। ଅପରପକ୍ଷେ ଯାନବାହାନ ସଂଖ୍ୟ ବୃଦ୍ଧି ପାଉଥିବାରୁ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ଆର୍ଯ୍ୟନ କ୍ଲବ୍, କୋପଣ୍ଡ, ରାଧାନାଥ ମାର୍ଗ, ଗୋପବନ୍ଧୁ ମାର୍ଗ, ଚୋରଦା, ଷ୍ଟିଲ ସିଟି ପ୍ରମୁଖ ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି କାର୍ଯ୍ୟକ୍ରମ କରାଯାଉଛି। ପୂଜାରେ ବୁଲିବାକୁ ଆସୁଥିବା ଅଧିକାଂଶ ଲୋକେ ମୟୂର ପୁଚ୍ଛ କିଣିବାକୁ ପସନ୍ଦ କରୁଛନ୍ତି। ମୀନାବଜାରରେ ପିଲାମାନେ ଦୋଳି ଖେଳର ମଜା ନେଉଛନ୍ତି। ଗୋପବନ୍ଧୁ ମାର୍ଗରେ ବିଭିନ୍ନ ଷ୍ଟଲ୍ ଖୋଲିଥିବାରୁ ଜନସମାଗମ ଅଧିକ ହୋଇଛି। ପୂଜା ପଣ୍ଡପ ନିକଟରେ ହୋଇଥିବା ବାରୁଆଳିଗୁଡିକ ଜନସଚେତନତା ଉପରେ ହୋଇଥିବାରୁ ଦର୍ଶକଙ୍କୁ ମୁଗ୍ଧକରୁଛି। ପ୍ରତ୍ୟେକ ପୂଜା ମଣ୍ଡପରେ ସିସି କ୍ୟାମେରା ଲାଗାଯାଇଛି। ଜିଲା ପ୍ରଶାସନ, ପୋଲିସ୍ ଓ ଶାନ୍ତି କମିଟି ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପରେ ଶାନ୍ତିଶୃଙ୍ଖଳା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଷ୍ଟେଶନ୍ ବଜାର ରେଳବାଇ ପୂଜା ମଣ୍ଡପରେ ରେଳବାଇ ପୋଲିସ୍, ଆରପିଏଫ୍ ପକ୍ଷରୁ ଶାନ୍ତଶୃଙ୍ଖଳା ରକ୍ଷା କରାଯାଉଛି । ଏହି ମେଢରେ ରୂପା ଅଳଙ୍କାର ଲାଗିଥିବାରୁ ଦର୍ଶକମାନେ ଦେଖିବା ପାଇଁ ଭିଡ ଜମାଇଛନ୍ତି।

# ଖଣି ନିଗମ ଅଧୀନ ଯୋଗାଣ ଶ୍ରମିକଙ୍କୁ ବୋନସ ପ୍ରଦାନ ଦାବି

**କାଳିଆପାଣି,୩।୧୧(ଡି.ଏନ୍.ଏ.)**

କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟକରୁଥିବା ଖଣି ନିଗମ ଅଧୀନ ଯୋଗାଣ ଶ୍ରମିକଙ୍କୁ ବୋନସ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଗତ ଗୁରୁବାର ଶ୍ରମିକ ସଂଘ ଆଞ୍ଚଳିକ ପରିଚାଳକ ଓ ବରିଷ୍ଠ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ପ୍ରତି ଆର୍ଥିକ ବର୍ଷରେ କମ୍ପାନୀଗୁଡ଼ିକ ପକ୍ଷରୁ ଲାଭାଂଶର କିଛି ପରିମାଣ ଶ୍ରମିକ ଓ କର୍ମଚାରୀଙ୍କୁ ବୋନସ ଆକାରରେ ଦେଇଥାନ୍ତି। କିନ୍ତୁ ଚଳିତ ବର୍ଷ ସମସ୍ତ କମ୍ପାନୀ ପକ୍ଷରୁ କ୍ଷତି ଆଳ ଦର୍ଶାଇ ବୋନସ ପ୍ରଦାନ କରାଯାଇ ନ ଥିଲା। ଏହାକୁ ନେଇ ସ୍ଥାନୀୟ ଶ୍ରମିକ ସଂଘ ଓ ବିଧାୟକଙ୍କ ହସ୍ତକ୍ଷେପ ପରେ ବର୍ତ୍ତମାନ କମ୍ପାନୀ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୦ରୁ ୧୫ ପ୍ରତିଶତ ବୋନସ ପ୍ରଦାନ କରାଯାଉଛି। ହେଲେ ଖଣି ନିଗମର କାଳିଆପାଣି ଓ ସୁକୁରିଙ୍ଗୀ ଖଣିରେ ବିଭିନ୍ନ ବିଭାଗ କାର୍ଯ୍ୟରେ ନିୟୋଜିତ ଯୋଗାଣ ଶ୍ରମିକ ଏବଂ କର୍ମଚାରୀଙ୍କୁ ବୋନସ୍ ପ୍ରଦାନ କରାଯାଉ ନାହିଁ। ଚଳିତ ବର୍ଷ ଓମ୍ ସାଇ ପ୍ରଫେସନାଲ ଡିଟେକ୍ଟିଭ ସର୍ଭିସ ପ୍ରାଇଭେଟ ଲିମିଟେଡ୍‌କୁ ଖଣିନିଗମରେ କାର୍ଯ୍ୟକରିବାକୁ ଟେଣ୍ଡର ମିଳିଛି। ଏହି ଠିକାଦାର ଜଣକ ଭୁବନେଶ୍ୱର ଅଞ୍ଚଳର ହୋଇଥିବାରୁ ବୋନସ ଦେବାକୁ ଅମଙ୍ଗ ହୋଇଥିବା ଶ୍ରମିକ ସଂଘ ଅଭିଯୋଗ କରିଛି। ଏ ଦିଗରେ ସମାଧାନ ପାଇଁ ଶ୍ରମିକ ସଂଘ ଖଣି ନିଗମ ବରିଷ୍ଠ ପରିଚାଳକ କାଠି ପ୍ରଧାନଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି ସମାଧାନ ହୋଇ ନ ପାରିବାରୁ ସଂଘ ଆଞ୍ଚଳିକ ପରିଚାଳକଙ୍କ ନିକଟରେ ଅଭିଯୋଗ କରିଥିଲା। ଏଥିସହ ନଭେମ୍ବର ୧୦ ତାରିଖ ସୁଦ୍ଧା ସମାଧାନ ନ ହେଲେ ଆନ୍ଦୋଳନ ପାଇଁ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର କହିଛନ୍ତି। ଏ ସମ୍ପର୍କରେ ଖଣି ନିଗମ ଦକ୍ଷିଣ କାଳିଆପାଣି ପରିଚାଳକ କାଠି ପ୍ରଧାନଙ୍କୁ ପଚାରିବାରୁ, ଏ ବାଦଦରେ ତାଙ୍କ ନିକଟରେ ଖବର ନ ଥିବା କହିଛନ୍ତି।

# ବାଲେଶ୍ୱର ଆଲଏଜ ପକ୍ଷରୁ ଗ୍ରାମ୍ୟ ମଣ୍ଡପ ଉଦ୍‌ଘାଟିତ

**କାଳିଆପାଣି,୩।୧୧(ଡି.ଏନ୍.ଏ.):** କାଳିଆପଣି ଖଣି କାର୍ଯ୍ୟାଳୟରେ ଶନିବାର କମ୍ପାନୀଗୁଡିକ ପକ୍ଷରୁ ଅଞ୍ଚଳରେ କରାଯାଇଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣି ଦ୍ୱାରା ପ୍ରଭାବିତ ଗ୍ରାମଗୁଡ଼ିକରେ ଅଧିକରୁ ଅଧିକ ଉନ୍ନୟନ କାର୍ଯ୍ୟ କରିବାକୁ ସ୍ଥାନୀୟ ଜନପ୍ରତିନିଧି, ଶ୍ରମିକ ସଂଘ ସହ କମ୍ପାନୀ ଅଧିକାରୀମାନେ ଆଲୋଚନା କରିଥିଲେ। ଏହାପରେ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ବାଲେଶ୍ୱର ଆଲଏଜ ପକ୍ଷରୁ ଶନିବାର ବିଭିନ୍ନ ଗ୍ରାମରେ ଗ୍ରାମ୍ୟ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦୀର୍ଘଦିନ ହେବ ଗ୍ରାମରେ ଖୁଣ୍ଟପଶି ଗ୍ରାମରେ ଏକ ମଣ୍ଡପ ନିର୍ମାଣ ପାଇଁ ଦାବି ହୋଇଆସୁଥିଥିଲା। ସେହିପରି କାଳିଆପାଣି ପଞ୍ଚାୟତର ବିର୍ଶାନଗର, କଟେପୂର୍ତ୍ତିନଗର ଆଦି ବିଭିନ୍ନ ସ୍ଥାନରେ କମ୍ୟୁନିଟି ସେଣ୍ଟର ଓ ମଣ୍ଡପ ଉଦ୍‌ଘାଟିତ ହୋଇଛି। କମ୍ପାନୀର ଭି.ପି ତାରେଣୀ ମହାନ୍ତି, ପାର୍ଥସାରଥି ମୁଦୁଲି, ସରପଞ୍ଚ ବିଶ୍ୱଜିତ ମହାନ୍ତି, ଭଗବତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ କର୍ମଚାରୀ ମାନ୍ୟତା ଦାବିରେ ପାଚିକା ସହାୟକଙ୍କ ସମ୍ମିଳନୀ

**ଧର୍ମଶାଳା,୩।୧୧(ଡି.ଏନ୍.ଏ.)**

ପାଚିକା ସହାୟିକା ସଂଘ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଧର୍ମଶାଳ ବ୍ଲକସ୍ଥିତ ଜାରକା ଉପ୍ରା ସ୍କୁଲ ପରିସରରେ ଏଆଇୟୁଟିୟୁକେ ସହ ବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ମହିଳା ସଂଘ ପକ୍ଷରୁ ସରକାରୀ ମାନ୍ୟତା ଦାବିରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଆଇୟୁଟିୟୁକେ ଯାଜପୁର ଜିଲା ସମ୍ପାଦକ ସୁରେଶ ପ୍ରଧାନଙ୍କ ସଭାପତିତ୍ୱରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଚିକାଙ୍କୁ ୪ର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ମଜୁରୀ ମାସିକ ୨୧ହଜାର ଟଙ୍କା, ବାଦ ପଡିଥିବା ପାଚିକାଙ୍କୁ ନିଯୁକ୍ତି , ୬୦ବର୍ଷ ପରେ ବାଦ ପଡିଥିବା ପାଚିକାଙ୍କୁ ପେନଶନ ପ୍ରଦାନ, ଆକ୍ରୋସ ମୂଳକ ଭାବେ ଛଟେଇ ବନ୍ଦ କରିବା, ୨୮ମାସର ବର୍ଦ୍ଧିତ ବକେୟା ପ୍ରଦାନ, ଛୁଟି ନେବାର ବ୍ୟବସ୍ଥା ଆଦି ୧୧ ଦଫା ଦାବିରେ ଏକ ଚିଠା ଗୃହିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟକ ସଂଘର ରାଜ୍ୟନେତା ରାଜକିଶୋର ମଲ୍ଲିକ, କିରଣ ବାଳା ପାଲ, ମଧୂସ୍ମିତା ସାହୁ, ପ୍ରଶାନ୍ତ ସ୍ୱାଇଁ, ପ୍ରଭାତୀ ମଲ୍ଲିକ, ରଶ୍ମିତା ବାରିକ, ଶୈଳ ସାହୁ, ସ୍ମିତାରାଣୀ ରାଉତ, ଶାନ୍ତିଲତା ପରିଡା ପ୍ରମୁଖଯୋଗଦେଇ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସରକାର ତୁରନ୍ତ ଦାବିଗୁଡିକ ଗ୍ରହଣ ନ କଲେ ଆଗାମୀ ଦିନରେ ଲଢେଇ ଜୋରଦାର କରାଯିବା ନେଇ ସମ୍ମିଳନୀରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଏଆଇୟୁଟିୟୁକେ ପକ୍ଷରୁ ଯାଜପୁର ରୋଡଠାରେ ଡିସେମ୍ବର ୧୪ ଓ ୧୫ରେ ସମ୍ମିଳନୀ, ଆସନ୍ତା ଫେବୃୟାରୀ ୧୩ରୁ ୧୫ ତାରିଖ ମଧ୍ୟରେ ଝାଡଖଣ୍ଡର ଧାନବାଦଠାରେ ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ପାଚିକା ସହାୟକାଙ୍କୁ ସଂଘଠିତ କରିବା ପାଇଁ ବ୍ଲକ ସଭାପତି ମୀନତୀ ଦାସ ଓ ସମ୍ପାଦିକା ସ୍ମିତାରାଣୀ ରାଉତଙ୍କୁ ନେଇ ୨୭ ଜଣିଆ ଏକ ଜାରକା ଆଞ୍ଚଳିକ କମିଟି ଗଠନ କରାଯାଇଛି। ଶେଷରେ ହୀରା ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ ଉତ୍ସବ

**କେନାପୁର,୩।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁର ପଞ୍ଚାୟତ ଅଧୀନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ବୈଠକ ଅନୁଷ୍ଠିତ ଯୋଇଯାଇଛି। ପ୍ରାକ୍ତନ ଛାତ୍ର ଲଛମନ ବାରିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଉଧବ ଚରଣ ମଲ୍ଲ ଯୋଗଦେଇ ଆଗାମୀ ଦିନରେ ସୁବର୍ଣ୍ଣ ଜୟନ୍ତୀ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ଉକ୍ତ ସ୍କୁଲର ପ୍ରାକ୍ତନ ଶିକ୍ଷକ ହରମୋହନ ରାଉତ, ପ୍ରଧାନ ଶିକ୍ଷକ ବିଜନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ପାଳନ ଦିଗରେ ପୁରାତନ ଛାତ୍ର ସଂସଦ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାରାରୋପଣ ଓ ସୁବର୍ଣ୍ଣ ଜୟନ୍ତୀ ପାଇଁ ଲୋଗୋ ଉନ୍ମୋଚନ ହୋଇଯାଇଛି। ଶେଷରେ ଶିକ୍ଷକ ଅଭିରାମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୀତାବାଣୀ ପ୍ରଚାର ସମିତିର ପ୍ରସ୍ତୁତି ବୈଠକ

**ରତ୍ନଗିରି, ୩।୧୧(ଡି.ଏନ୍.ଏ.)**

ସଜ୍ଜନ ମହାବିଦ୍ୟାଳୟ ପରିସରରେ ଗୀତାବାଣୀ ପ୍ରଚାର ସମିତି ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆସନ୍ତା ୯ ତାରିଖରେ ଗୀତାବାଣୀ ପ୍ରଚାର ସମିତିର ପ୍ରତିଷ୍ଠାତା ଜନାର୍ଦ୍ଦନ ସାହୁଙ୍କ ୩ୟ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସମ୍ପର୍କରେ ଆଲୋଚିତ ହୋଇଯାଇଛି। ଏଥିସହ ୧୦ ତାରିଖରେ ଭଅଁରା ପଞ୍ଚାୟତର ପଣସପଡାଠାରେ ଗୋ ସେବା ଓ ଚିକିତ୍ସା ଏବଂ ୧୧ ତାରିଖରେ ଗୀତା ନିକେତନ ବାଇଁଶ୍ରୀୟାଠାରେ ଗୀତା ସନ୍ଦେଶ ପତ୍ରିକାର ଶୁଭ ଉନ୍ମୋଚନ ସହ ୧୦୮ ହନୁମାନ ଚାଳିଶା ପାଠ ହେବାର କାର୍ଯ୍ୟକ୍ରମ କରାଯିବା ନେଇ ବୈଠକରେ ସୂଚନା ଦିଆଯାଇଛି। ସଭାପତି ପ୍ରଶାନ୍ତ ଦାସ, ଅପୂର୍ବ ରଞ୍ଜନ ସାହୁ, ସୁଶାନ୍ତ ବିଶ୍ୱାଳ, ମଧୁସ୍ମିତା ମଲ୍ଲିକ, ରଞ୍ଜନ ମଲ୍ଲିକ, କଲ୍ୟାଣୀ ବାରିକ, ପ୍ରଶାନ୍ତ ସାହୁ, ଲୋପାମୁଦ୍ରା ରାଉତ ପ୍ରମୁଖ ବୈଠକରେ କର୍ମକର୍ତ୍ତା ଯୋଗଦେଇଥିଲେ।

# ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ

**ଯାଜପୁର ରୋଡ,୩।୧୧(ନି.ପ୍ର)**

ଇନ୍ଦିରା ଗାନ୍ଧୀ ପ୍ରତିମୂର୍ତ୍ତୀଠାରେ କୋରେଇ ନିର୍ବାଚନ ମଣ୍ଡଳୀ କଂଗ୍ରେସ ତରଫରୁ ୩୫ତମ ବଳିଦାନ ଦିବସ ଗୁରୁବାର ସକାଳେ ଅନୁଷ୍ଠିତ ହୋଇଥିଲା। କୋରେଇ ବିଧାନସଭା କଂଗ୍ରେସ ପ୍ରାର୍ଥୀନୀ ତଥା ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ କଂଗ୍ରେସ ନେତାମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଏକ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସ ତଥା ପୂର୍

ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଶିଳାନ୍ୟାସ ସ୍ଥଳରେ ମାରପିଟ ଘଟଣା, ମାମଲା ରୁଜୁ

**କୋରେଇ,୩।୧୧(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ହଳଦୀଗଡିଆ ପଞ୍ଚାୟତର ଖିଲିପଙ୍ଗା ଗ୍ରାମରେ ଶନିବାର ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବରେ ଗୋଷ୍ଠୀ ସଂଘର୍ଷ ଦେଖାଦେଇଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ରବିବାର ସେକ୍ ରଫିକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନ.°୨୪୦/୧୯) ରୁଜୁକରି ଅଭିଯୁକ୍ତମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ହେଲେ ଅଭିଯୁକ୍ତମାନଙ୍କ ଧରିବାରେ ବିଫଳ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଖିଲିପଙ୍ଗା ଗ୍ରାମରେ କୋରେଇ ବିଧାୟକ ଅଶୋକ ବଳ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ପରେ ଏକ ସଭା ହୋଇଥିଲା। ସଭା ଆରମ୍ଭରୁ ସାଦକପୁର ପଞ୍ଚାୟତର ବାରଦା ଗ୍ରାମର କୈଳାସ ପଟ୍ଟନାୟକଙ୍କ ଏକ ଗୋଷ୍ଠୀ ଓ ସାଦକପୁର ଗ୍ରାମର ସେକ୍ ରଫିକ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ମାରପିଟ ଆରମ୍ଭ ହୋଇଯାଇଥିଲା। ସାଦକପୁର ପଞ୍ଚାୟତରେ ଦୁର୍ନୀତି ଅଭିଯୋଗେ ପରେ ତଦନ୍ତ କରାଯାଇ ପଞ୍ଚାୟତ ପିଓଙ୍କୁ ଜିଲାପାଳ ନିଲମ୍ବିତ କରିଥିବାବେଳେ ସରପଞ୍ଚଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଅପରପକ୍ଷେ ଦୁର୍ନୀତିରେ ଜଡିତ ଥିବା ଏକ ଗୋଷ୍ଠୀକୁ ବିଧାୟକ ସମର୍ଥନ କରି ସାଙ୍ଗରେ ଧରି ବୁଲିବାକୁ ନେଇ ଏହି ଗୋଷ୍ଠୀ ବିବାଦ ଦେଖାଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଇଥିବା କୁହାଯାଉଛି।

### ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ

**ରସୁଲପୁର,୩।୧୧(ଡିଏନଏ):** ରସୁଲପୁର ବ୍ଲକ କୁଆଖିଆ ବଜାର ସାନଓରାଲି ହରିହାଟ ପଡିଆରେ ଶନିବାର ଭଜନ ସମ୍ରାଟ ଭିକାରୀ ବଳଙ୍କ ୯ମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂଗୀତ ଶିକ୍ଷକ ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବରେ ସଂଗୀତ ବିଶାରଦ ହାଡିବନ୍ଧୁ ରଣା, ପଣ୍ଡିତ ଯୋଗେନ୍ଦ୍ର ପଣ୍ଡା, ଯୋଗାଚାର୍ଯ୍ୟ ବିଜୟ କୁମାର ଦାଶ, କବି ପାଣ୍ଡବ ଚରଣ ଦାସ, ପୂର୍ବତନ ସରପଞ୍ଚ ପଦ୍ମନାଭ ବାଭି, ପ୍ରାକ୍ତନ ଶିକ୍ଷକ ନରୋତ୍ତମ ସାହୁ, ସାମାଜସେବୀ କାଳନ୍ଦୀ କଣ୍ଠ, ଅବୟ ତ୍ରିପାଠୀ, ବରିଷ୍ଠ ନେତା ବଟକୃଷ୍ଣ ସାହୁ, କୈଳାସ ପଣ୍ଡା ପ୍ରମୁଖ ଯୋଗଦେଇ ଭଜନ ସମ୍ରାଟଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଗୀତ ଶିକ୍ଷକ ପିତବାସ କର, ପଦ୍ମନାଭ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଭିକାରୀ ବଳଙ୍କ ଲୋକପ୍ରିୟ ଭଜନକୁ ସଂଗୀତକାର ପରମାନନ୍ଦ ସାହାଣୀ, ପ୍ରଭାକର ମଲ୍ଲିକ,ଲକ୍ଷ୍ମୀଧର ନାୟକ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସ୍ୱର୍ଗତ ବଳଙ୍କ ପୁରୁଣା ସଂଗୀତ ଶ୍ରୋତାଙ୍କୁ ମୁଗ୍ଧ କରିଥିଲା। କମିଟିର ସମ୍ପାଦକ ନରେନ୍ଦ୍ର ବାଭି ଧନ୍ୟବାଦ ଅର୍ପଣ କରିଥିଲେ।

## ଯନ୍ତ୍ରୀ ପ୍ରାଧିକରଣ ତଦନ୍ତ ରିପୋର୍ଟକୁ ଦିଆଯାଉନି ଗୁରୁତ୍ୱ

# ତ୍ରୁଟି ସୁଧାରିବାକୁ ଏନ୍‌ସିସିର ଅନାଗ୍ରହ

**ଯାଜପୁର ଅଫିସ,୩।୧୧**

ଯାଜପୁର ଜିଲାର ଖଣି ପ୍ରଭାବିତ ସୁକିନ୍ଦା ବ୍ଲକ ଅଞ୍ଚଳରେ ଏକ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ୭୯.୫୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପକୁ ଠିକ୍‌ଭାବେ ନିର୍ମାଣ କରିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଚିଫ୍ ଇଞ୍ଜିନିୟର ଭୁବନେଶ୍ୱରରେ ରହି ପରିଚାଳନା କରୁଛନ୍ତି। ସ୍ଥାନୀୟ ଯନ୍ତ୍ରୀଙ୍କୁ ସମ୍ପୃକ୍ତ ଠିକାସଂସ୍ଥା ହାଇଦ୍ରାବାଦସ୍ଥିତ ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ(ଏନ୍‌ସିସି) ଲିଃ ଆଦୌ ଭୂକ୍ଷେପ କରୁ ନ ଥିବା କୁହାଯାଉଛି। ଏହି ସୁଯୋଗରେ ଏନ୍‌ସିସି କର୍ତ୍ତୃପକ୍ଷ ମନଇଚ୍ଛା ଯେନତେନ ପ୍ରକାରେ ପ୍ରକଳ୍ପ ନିର୍ମାଣ କରି ମୋଟା ଅଙ୍କର ଲାଭ ପାଇବାକୁ ମସୁଧା କରୁଥିବା ମନେହେଉଛି। ଏପରିକି ଇଞ୍ଜିନିୟର୍ସ ଅଥରିଟି (ଯନ୍ତ୍ରୀ ପ୍ରାଧିକରଣ) ପକ୍ଷରୁ ହୋଇଥିବା ତଦନ୍ତ ରିପୋର୍ଟ ଅନୁଯାୟୀ ବିଭିନ୍ନ ତ୍ରୁଟିରେ ସୁଧାର ଆଣିବାକୁ ଏନ୍‌ସିସି ଆଦୌ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖିବାକୁ ମିଳୁଛି। ମାସକୁ ମାସ ସମୀକ୍ଷା ବୈଠକ ହେଉଛି, କିନ୍ତୁ ବୈଠକର ଫଳାଫଳ କିଛି ଫଳପ୍ରଦ ହେଉନାହିଁ। ଏହିକ୍ରମରେ ସୋମବାର ପୂର୍ବାହ୍ନ ସାଢେ ୧୦ଟାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ଅଧ୍ୟକ୍ଷତାରେ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡିକର ଅଗ୍ରଗତି ଉପରେ ଏକ ସମୀକ୍ଷା ବୈଠକ ହେବ।

ଗତ ଜୁଲାଇରେ ଯନ୍ତ୍ରୀ ପ୍ରାଧିକରଣ ପକ୍ଷରୁ ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପର ନିରୀକ୍ଷଣ କରାଯାଇଥିଲା। ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକମାନେ ବିନା ସୁରକ୍ଷା ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ଅଥରିଟି ଦେଖିବାକୁ ପାଇଥିଲେ। ଏହାବାଦ ଗୋଟିଏ ଖାତରେ ଏକାଧିକ ପାଇପ୍ ବିଛାଯାଇଛି। ଖାତର ଗଭୀରତା ଜଳଯୋଗାଣ ମାନୁଆଲକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛି। ମାଟି ଉପରେ ପାଇପ ବିଛାଯାଇ ଯେନତେନ ପ୍ରକାରେ କାର୍ଯ୍ୟ ସମ୍ପାଦନ ହେଉଛି। ପାଟନାଠାରେ ନିର୍ମାଣାଧୀନ ଇଏସ୍‌ଆର ସ୍ତମ୍ଭରେ ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଥିବାବେଳେ ସିଧା (ଭର୍ଟିକାଲ) ଭାବେ ନିର୍ମାଣ ହୋଇନାହିଁ।

**ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ**

- ଇଏସ୍‌ଆର ସ୍ତମ୍ଭ ନିର୍ମାଣରେ ବ୍ୟାପକ ତ୍ରୁଟି
- ଆଜି ଭୁବନେଶ୍ୱରରେ ସମୀକ୍ଷା ବୈଠକ

ତେଣୁ କଟକ ସର୍କଲ ଅଧ୍ୟକ୍ଷଣ ଯନ୍ତ୍ରୀ ତୁରନ୍ତ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନରେ ଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଥରିଟି ପ୍ରସ୍ତାବ ଦେଇଥିଲା। ଏହି ରିପୋର୍ଟକୁ ଭିତ୍ତିକରି ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ରସଂଖ୍ୟା ୭୨୨୮/୨୦।୮।୨୦୧୯ରେ କଟକ ଆରଡବ୍ଲ୍ୟୁଏସ୍‌ଏସ୍ ସର୍କଲ ଅଧ୍ୟକ୍ଷଣ ଯନ୍ତ୍ରୀଙ୍କୁ ତୁରନ୍ତ ପ୍ରକଳ୍ପ ଅଞ୍ଚଳ ବୁଲି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସମ୍ପୃକ୍ତ ଠିକାସଂସ୍ଥା ତ୍ରୁଟି ସୁଧାରିବାରେ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସେହିପରି ଏହି ପ୍ରକଳ୍ପର ବିଭିନ୍ନ କଂକ୍ରିଟ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର ହେବାକୁ ଥିବା ଷ୍ଟିଲ ସାମଗ୍ରୀର ଗୁଣାବତ୍ତା ଉପରେ ଗତ ଜୁଲାଇରେ ଯନ୍ତ୍ରୀ ପ୍ରାଧିକରଣର ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ ପକ୍ଷରୁ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଷ୍ଟିଲ ସାମଗ୍ରୀର ଗୁଣବତ୍ତା ଉପରେ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଏହି ରିପୋର୍ଟ ଆଧାରରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ର ସଂଖ୍ୟା ୬୦୩୩/୧୫।୭।୨୦୧୯ରେ ଶ୍ୟାମ ଷ୍ଟିଲରୁ କିଣାଯାଇଥିବା ସମସ୍ତ ଷ୍ଟିଲ ସାମଗ୍ରୀ (ଶ୍ୟାମ ଏଫଇ-୫୦୦ଡି)କୁ ହଟାଇ ଦେବାକୁ ଠିକାସଂସ୍ଥା ଏନ୍‌ସିସିର ସିନିୟର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ଷ୍ଟିଲ ସାମଗ୍ରୀକୁ ଯେପରି ପୁଣି ବ୍ୟବହାର କରାଯାଇ ପାରିବ ସେଥିପାଇଁ ସମସ୍ତ ଚେଷ୍ଟା କରାଯାଇଥିଲା। କିଣା ଯାଇଥିବା ଷ୍ଟିଲ ସାମଗ୍ରୀକୁ କଟକ ସେଣ୍ଟ୍ରାଲ ଲାବୋରୋଟାରୀ (ଆରଆଣ୍ଡବି) ଏବଂ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ଲାବୋରେଟାରୀରେ ପରୀକ୍ଷା କରାଯାଇଥିଲା। ଏହାପରେ ଉକ୍ତ ରିପୋର୍ଟରେ ସେହି ଷ୍ଟିଲ ସାମଗ୍ରୀର ଗୁଣବତ୍ତା ସନ୍ତୋଷଜନକ ଓ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଥିଲା। ଏହିକ୍ରମରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ଚିଫ୍ ଇଞ୍ଜିନିୟର ତାଙ୍କ ପତ୍ରସଂଖ୍ୟା ୭୮୪୨/୧୦।୯।୨୦୧୯ରେ ଠିକାସଂସ୍ଥା ଏନ୍‌ସିସିର ସହକାରୀ ଜେନେରାଲ ମ୍ୟାନେଜରଙ୍କୁ ଉକ୍ତ ଷ୍ଟିଲ ସାମଗ୍ରୀ ପୁଣି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରୁ ଯନ୍ତ୍ରୀ ପ୍ରାଧିକରଣର ରିପୋର୍ଟ ନା କଟକ ସେଣ୍ଟ୍ରାଲ ଲାବୋରେଟାରୀର ରିପୋର୍ଟରେ ସତ୍ୟତା ରହିଛି ତାହା ତଦନ୍ତସାପେକ୍ଷ। ଏଣୁ ଶ୍ୟାମ ଷ୍ଟିଲରୁ କିଣାଯାଇଥିବା ଷ୍ଟିଲ ସାମଗ୍ରୀର ମାନକୁ ନେଇ ଏକ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ଏନ୍‌ସିସିର ମୁଖ୍ୟ ପରିଚାଳକ ବି.ସି. ପାଲଙ୍କୁ ପଚାରିବାରେ, ତ୍ରୁଟି କିମ୍ବା ନିମ୍ନମାନର ସାମଗ୍ରୀ ସଂକ୍ରାନ୍ତରେ ତାଙ୍କୁ କୌଣସି ସୂଚନା ଦିଆଯାଇ ନାହିଁ। ଏନେଇ ଅଫିସିଆଲି ପତ୍ର ମିଳିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ପଣସା ପଞ୍ଚାୟତରେ ଦୁର୍ନୀତି ନିବାରଣ ସଚେତନତା

**ଯାଜପୁର ଟାଉନ,୩।୧୧(ଡିଏନଏ)**

ଯାଜପୁର ବ୍ଲକର ପଣସା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରପଞ୍ଚ ମୋନାଲିସା ପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଭିଜିଲାନ୍ସର ଡିଏସପି ବନମାଳୀ ଧଳ ଯୋଗଦେଇ ଦୁର୍ନୀତିଏଭଳି ଏକ ଭାଇରସ ଯାହା ମଣିଷ ମଧ୍ୟରେ ଥିବା ବିବେକ, ବୁଦ୍ଧି ଓ ମାନବିକତା ଧ୍ୱଂସ କରିଦେଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଅନ୍ୟତମ ବକ୍ତାଭାବେ ସ୍ଥାନୀୟ ଭାରତୀୟ ଷ୍ଟେଟବ୍ୟାଙ୍କର ମୁଖ୍ୟ ପରିଚାଳକ ଜନ୍ମେଜୟ ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟ ଶ୍ୟାମସୁନ୍ଦର ଶତପଥି, ଭିଜିଲାନ୍ସ ଇନ୍ସପେକ୍ଟର ଅନସୂୟା ସେନାପତି ପ୍ରମୁଖ ଯୋଗଦେଇ ଦୁର୍ନୀତି ନିର୍ବାରଣ ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋବିନ୍ଦ ଗୋପାଳ ମହାନ୍ତି ଓ ଯୁବ ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ପତି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନେକ ପଞ୍ଚାୟତ ପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ, ଗୃହିଣୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ।

# ୫ରୁ ସର୍ବଭାରତୀୟ ସିକୁ କ୍ରିକେଟ କପ୍

**ରସୁଲପୁର,୩।୧୧(ଡିଏନଏ)**

ଧର୍ମଶାଳା ବ୍ଲକ ୧୦ମ ବାର୍ଷିକୀ ସର୍ବଭାରତୀୟ ସିକୁ କ୍ରିକେଟ୍ କପ୍ ଜାରକା ବଜାରସ୍ଥିତ ମହୋତ୍ସବ ପଡ଼ିଆରେ ଆସନ୍ତା ୫ ତାରିଖରୁ ଆରମ୍ଭ ହେବା ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ଜାରକା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରାକ୍ତନ ବିଡିଓ ବିଜୟ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟ ସମ୍ପାଦକ ହିମାଂଶୁ ଶେଖର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥର ଟୁର୍ନାମେଣ୍ଟ ନଭେମ୍ବର ୫ରୁ ଆରମ୍ଭ ହୋଇ ୧୫ତାରିଖରେ ଶେଷ ହେବାକୁ ଥିବାବେଳେ ଏ ଦିଗରେ ବିଭିନ୍ନ ବିଭାଗ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ସଫଳ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ସିତାଂଶୁ ଶେଖର ସାହୁ, ଦେବରାଜ ମିଶ୍ର, ସୁବ୍ରତ ଜେନା, ଚକ୍ରଧର ଲେଙ୍କା, ଜୟପ୍ରକାଶ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଚଳିତବର୍ଷ ନୂଆ କରି ଟୁର୍ନାମେଣ୍ଟ ସହ ଦିବ୍ୟାଙ୍ଗ କ୍ରିକେଟ ଖେଳାଳିଙ୍କ ମ୍ୟାଚକୁ ଯୋଡା ଯାଇଛି। ଏହାଛଡା ଚଳିତଥର ମହିଳା କ୍ରିକେଟ ମ୍ୟାଚଗୁଡିକ ଚିତାକର୍ଷକ ହେବ ବୋଲି ଆଶା କରାଯାଉଛି। ରାଜ୍ୟ ବାହାରୁ ଆସୁଥିବା ଦଳରେ ବହୁ ଜାତୀୟସ୍ତରର ଖେଳାଳିଙ୍କ କଳାନୈପୁଣ୍ୟତାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ଦର୍ଶକମାନେ ଦେଖିବାର ସୁଯୋଗ ପାଇପାରିବେ। ଏଥିସହ ଉକ୍ତ ଟୁର୍ନାମେଣ୍ଟରେ ପୁରୁଷ ବିଭାଗରୁ ରାଜ୍ୟ ବାହାରୁ ଖଡଗପୁର ରେଲୱେ, ସ୍ପୋର୍ଟିଂ ୟୁନିଅନ-ଝାଡଖଣ୍ଡ, ସୁପରନୋଭା-ବିଶାଖାପାଟଣା, ଆଇଡିଆଲ ସ୍ପୋର୍ଟସ-ଉତ୍ତରପ୍ରଦେଶ, କରିମ ସ୍ପୋର୍ଟସ ଏକାଡେମୀ-ନାଗପୁର, ଛତିଶଗଡ ଫରେଷ୍ଟ-ଛତିଶଗଡ ପ୍ରମୁଖ ୬ଟି ଦଳ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଓଡିଶାରୁ ରାଇଜିଂ ଷ୍ଟୁଡେଣ୍ଟ-କଟକ, ଓଡ଼ିଶା ପୋଷ୍ଟାଲ-ଓଡ଼ିଶା ଭଳି ୨ଟି ଦଳ ଅଂଶଗ୍ରହଣ କରିବେ। ସେହିପରି ମହିଳା ବିଭାଗରେ ଓଡିଶା ଏକାଦଶ ସହ ରାଜ୍ୟ ବାହାରୁ ରାୟପୁର ଏକାଦଶ ଓ ସୋଲାପୁର-ମହାରାଷ୍ଟ୍ର ଏକାଦଶ ଅଂଶ ଗ୍ରହଣ କରିବେ। ଏହି ଅବସରରେ ନଭେମ୍ବର ୧୧ରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ୧୪ରେ ଦୃଷ୍ଟିହୀନ କ୍ରିକେଟ ଦଳକୁ ନେଇ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ। ଯାଜପୁର ଜିଲା ଆରକ୍ଷୀ ଅଧ୍ୟକ୍ଷକ ଚରଣ ସିଂ ମୀନା, ପ୍ରାକ୍ତନ ମହିଳା କମିଶନ ଅଧ୍ୟକ୍ଷା ନମ୍ରତା ଚଡା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସିକୁ-କପ୍‌କୁ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ ମ୍ୟାଚ ଓଡିଶାର ରାଇଜିଂ ଷ୍ଟୁଡେଣ୍ଟ ଓ ଖଡଗପୁର ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ।

### ୪ର୍ଥଶ୍ରେଣୀ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରସୁଲପୁର,୩।୧୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅନ୍ୟତମ ଡିଗ୍ରୀ କଲେଜ ମଧୁପୁର ମହାବିଦ୍ୟାଳୟ-କଲଣର ୪ର୍ଥଶ୍ରେଣୀ କର୍ମଚାରୀ ଲିଙ୍ଗରାଜ ପୃଷ୍ଟିଙ୍କୁ ଶନିବାର କଲେଜ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଲେଜର ଅଧ୍ୟକ୍ଷ କୁଶଧର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ କର୍ମଚାରୀ ଅଚ୍ୟୁତାନନ୍ଦ ନାୟକ, ଅଧ୍ୟାପକ ତୁହିନାଂଶୁ ରଥ, ପଦ୍ମନାଭ ପଣ୍ଡା, ସୁବାସ ଦାଶ, ଅଦ୍ୱୈତ କୁମାର ସାହୁ, ନବକିଶୋର ରଥ, ଦୀନବନ୍ଧୁ ଦାସ, ପ୍ରଦୀପ ଦାସ, ପ୍ରବାସିନୀ ମଲ୍ଲ, ଗୋକର୍ଣ୍ଣେଶ୍ୱର ଦାଶ, ସବିତା ମିଶ୍ର, ଅଧିର କୁମାର ବେହେରା, ଚନ୍ଦ୍ର ମଳିକ, ରବିନାରାୟଣ ସ୍ୱାଇଁ, ରଜତ କୁମାର ସାହୁ ପ୍ରମୁଖ ଯୋଗଦେଇ ପୃଷ୍ଟିଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ପବିତ୍ର ଦାଶ ବେଦପାଠରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ମାନପତ୍ର, ଉପଢୌକନ, ଉପହାର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏଥିସହ ରାଜ୍ୟ ପ୍ରବରଣ ମଣ୍ଡଳୀ ଦ୍ୱାରା ନବନିଯୁକ୍ତ ଅଧ୍ୟାପକ ବିକାଶ କୁମାର ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଅଧ୍ୟାପକ ପଦ୍ମନାଭ ବାରିକ ଧନ୍ୟବାଦ ଦେଇଥିଲେ।

## ୮ମ ଦିନରେ କାଳୀପୂଜା

### ୭୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

**ଯାଜପୁର ଟାଉନ,୩।୧୧(ଡିଏନଏ)**

ଯାଜପୁରର ଗଣପର୍ବ କାଳୀପୂଜା ଚଳିତ ବର୍ଷ ୧୨ ଦିନ ଧରି ପାଳିତ ହେବାକୁ ଥିବାବେଳେ ପ୍ରତ୍ୟେକ ଦିନ ପୂଜା ମଣ୍ଡପରେ ଦର୍ଶକଙ୍କ ଭିଡ଼ ଜମୁଛି। ରବିବାର ୮ମ ଦିନ ଥିବାବେଳେ ଛୁଟିଦିନ ଥିବାରୁ ପୂର୍ବଦିନ ଅପେକ୍ଷା ଦର୍ଶକଙ୍କ ସଂଖ୍ୟା ବହୁ ମାତ୍ରାରେ ବଢ଼ିଥିବା ଲକ୍ଷ୍ୟ କରାଯାଇଥିଲା। ଠିକ୍ ସନ୍ଧ୍ୟା ହେବା ମାତ୍ରେ ସହରବାସୀ ଓ ଏହାର ଉପକଣ୍ଠ ଅଞ୍ଚଳରୁ ହଜାର ହଜାର ସଂଖ୍ୟାର ଦର୍ଶକ ବିଭିନ୍ନ ପୂଜା ମଣ୍ଡପ ବୁଲିଥିଲେ। ଆନୁମାନିକ ୭୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଏହି କାଳୀ ପୂଜାକୁ ଉପଭୋଗ କରିଥିବା ପରିଲକ୍ଷିତ ହୋଇଥିଲା। ସେହିପରି ପଡୋଶୀ ଜିଲାରୁ ବହୁ ଦର୍ଶକ ଛୋଟ ଗାଡି କରି ନିଜର ପରିବାର ଓ ସମ୍ପର୍କୀୟଙ୍କୁ ଧରି ଯାଜପୁର କାଳୀପୂଜାର ମଜା ନେଇଥିଲେ। ସହରର ବିଭିନ୍ନ ସ୍ଥାନରେ ଫାଷ୍ଟଫୁଡ, ଚାଟ୍, ଗୁପ୍‌ଚୁପ୍, ଆଇସ୍‌କ୍ରିମ୍ ଦୋକ

## ସଂକ୍ଷେପରେ

### ଆଜି ବଡ଼ ଠାକୁରଙ୍କ ହରିହର ବେଶ

**ପୁରୀ ଅଫିସ,୩।୧୧:** ରତ୍ନସିଂହାସନରେ ସୋମବାର ବଡ଼ଠାକୁର ବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହେବ। ଅବକାଶ ନୀତି ପରେ ଏହି ବେଶ କରାଯିବ। ପୁଷ୍ପାଳକ ସେବକମାନେ ବଡ଼ ଠାକୁରଙ୍କୁ ହରିହର ବେଶରେ ସଜାଇବେ। ଏହି ବେଶରେ ଠାକୁର ଅର୍ଦ୍ଧେକ କଳା ଓ ଅର୍ଦ୍ଧେକ ଧଳା ବସ୍ତ୍ରରେ ଭୂଷିତ ହେବେ। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡେ ସେହିଦିନ ବଡ ଠାକୁରଙ୍କ ବାଡରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଗୋଟିଏ ଦିନ ହରିହର ବେଶ ରହିଛି।

### ଶ୍ରୀମନ୍ଦିରରୁ ପକେଟ୍‌ମାର ଗିରଫ

**ପୁରୀ ଅଫିସ, ୩।୧୧:** ଶ୍ରୀମନ୍ଦିରରୁ ରବିବାର ଜଣେ ପକେଟ୍‌ମାରଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ବାଲିସାହିର ରାଜେଶ ମହାନ୍ତି। ଛୁଟିଦିନ ଥିବାରୁ ଶ୍ରୀମନ୍ଦିରରେ ଆଜି ପ୍ରବଳ ଗହଳି ହୋଇଥିଲା। ଏହି ଭିଡ଼ର ସୁଯୋଗ ନେଇ ଲକ୍ଷ୍ମୀ ମନ୍ଦିର ଭିତରେ ଜଣେ ଭକ୍ତଙ୍କ ପକଟ୍‌ରୁ ରାଜେଶ ମନିପର୍ସ ଲୁଟ୍ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଜାଣିପାରି ରାଜେଶଙ୍କୁ ମାଡି ବସିଥିଲେ। ସେଠାରେ କାର୍ଯ୍ୟରତ ପୋଲିସ ରାଜେଶଙ୍କୁ ଧରି ସିଂହଦ୍ୱାର ଥାନାକୁ ଆଣିଥିଲା। ରାଜେଶଙ୍କଠାରୁ ଚୋରି ପର୍ସ ଉଦ୍ଧାର କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରସ୍ତ କରାଯାଇଛି। ଏ ସଂକ୍ରାନ୍ତରେ ୧୦୭/୧୯ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ରଞ୍ଜନ କୁମାର ମଲ୍ଲିକ କହିଛନ୍ତି।

### ପାଲା କଳାକାରଙ୍କ ପରଲୋକ

**ନୟାଗଡ଼ ଅଫିସ,୩।୧୧:** ନୟାଗଡ଼ ଜିଲାରେ ପାଲା କଳାକାର ଭାବେ ଖ୍ୟାତି ଅର୍ଜନ କରିଥିବା ପରମାନନ୍ଦ ରାଉତ(୭୦)ଙ୍କ ରବିବାର ସକାଳେ ପରଲୋକ ଘଟିଛି। ନୟାଗଡ଼ ବ୍ଲକ ନାଟୁଗାଁର ପରମାନନ୍ଦ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଜିଲାର ବହୁ କଳାକାର ଶେଷଦର୍ଶନ ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ। ସେ ଜଣେ ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ଅବିଭକ୍ତ ପୁରୀ ଜିଲା ପାଲା ଗାୟକ ପରିଷଦର ଉପସଭାପତି ମନୋଜ କୁମାର ମିଶ୍ରଙ୍କ ସମେତ ଏକାଧିକ ପାଲା କଳାକାର ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ପାର୍କର ଭ୍ରମ ସୃଷ୍ଟି କରୁଛି ପୋଖରୀହୁଡ଼ା

**ନୟାଗଡ଼ ଅଫିସ,୩।୧୧**

ପୋଖରୀ ହୁଡାରେ ଆବର୍ଜନା କୁଣ୍ଡ ସହ ବେଞ୍ଚ ସ୍ଥାପନ କରାଯାଇଛି।

- ଗ୍ରାମୀଣ ବିକାଶ ଯୋଜନାରେ ହେଲା ନବୀକରଣ
- ଜଳର ସ୍ଥାୟିତ୍ୱ ଆମର ଦାୟିତ୍ୱ ନାରାଦେଇ ସହଯୋଗ କଲେ ଗ୍ରାମବାସୀ

ଦିନେ ପରିତ୍ୟକ୍ତ ହୋଇପଡିଥିବା ପୋଖରୀ ଏବେ ପାର୍କର ଭ୍ରମ ସୃଷ୍ଟି କରୁଛି। ପୋଖରୀ ସଫା କରାଯିବା ସହିତ ହୁଡ଼ାରେ ବିଭିନ୍ନ ପ୍ରକାର ଫୁଲ ଓ ଫଳଗଛ ଲଗାଯାଇଛି। ଆବର୍ଜନା ପକାଇବା ପାଇଁ ୫ଟି କୁଣ୍ଡ ରଖାଯାଇଛି। ସେହିଭଳି ଅବସର ବିନୋଦନ ଲାଗି ପୋଖରୀ କୂଳରେ ସିମେଣ୍ଟ ବେଞ୍ଚ ସ୍ଥାପନ କରାଯାଇଛି। ଏଭଳି ଚିତ୍ର କୌଣସି ସହର ନୁହେଁ, ନୟାଗଡ଼ ବ୍ଲକ ଜେମାଦେଇପୁରପାଟଣା ପଞ୍ଚାୟତ ରଘୁନାଥପ୍ରସାଦ ଗ୍ରାମରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ରଘୁନାଥପ୍ରସାଦ ଗ୍ରାମରେ ୧୭୩ ପରିବାର ବସବାସ କରନ୍ତି। ଗ୍ରାମର ଲୋକମାନେ ଗାଧୋଇବା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗ୍ରାମରେ ଥିବା ଦୁଇଟି ପୋଖରୀ ଉପରେ ନିର୍ଭର କରିଥାନ୍ତି। ଗାଁ ମଝିରେ ଥିବା ପୋଖରୀରେ ପୂର୍ବରୁ ପାହଚ ଠିକ୍ ନ ଥିବାବେଳେ ଖରାଦିନେ ପାଣି ଶୁଖିଯାଉଥିଲା। ପୋଖରୀ ହୁଡ଼ା ଠିକ୍ ନ ଥିବାରୁ ବର୍ଷାଦିନେ ଗ୍ରାମର ମଇଳା ପାଣି ପୋଖରୀରେ ପଶୁଥିଲା। ଏହା ଦ୍ୱାରା ପୋଖରୀ ପାଣି ଦୂଷିତ ହେଉଥିଲା। ଏହାକୁ ବ୍ୟବହାର କରି ଲୋକମାନେ ଚର୍ମରୋଗରେ ଶିକାର ହେଉଥିଲେ। ଚଳିତ ବର୍ଷ ଗ୍ରାମ ବିକାଶ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିବର୍ତ୍ତନର ସାମଗ୍ରିକ ଗ୍ରାମୀଣ ବିକାଶ ପରିଯୋଜନାରେ ଗ୍ରାମର ଥିବା ଏହି ପୋଖରୀର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ କରାଯାଇଛି। ପୋଖରୀକୁ ଗଭୀର କରାଯିବା ସହ ହୁଡ଼ା ଉଚ୍ଚା କରାଯାଇଛି। ପାହଚ ମରାମତି କାର୍ଯ୍ୟ ମଧ୍ୟ ହୋଇଛି। ସେହିଭଳି ପୋଖରୀ ସୁନ୍ଦର ଦେଖାଯିବା ପାଇଁ ଉପରୋକ୍ତ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ହୁଡ଼ାରେ ୮୦ଟି ନଡ଼ିଆ ଗଛ ଲଗାଯିବା ସହିତ ପୋଖରୀରେ ମାଛ ଯାଆଁଳ ଛଡ଼ାଯାଇଛି। ଗ୍ରାମରେ କମିଟି କରାଯାଇ ଏହାର ତଦାରଖ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଏଥିରୁ ଆଦାୟ ହେବାକୁ ଥିବା ଟଙ୍କା ଦ୍ୱାରା ଗ୍ରାମ୍ୟ ସମୂହ ଉନ୍ନୟନ ପାଣ୍ଠି ବୃଦ୍ଧି ପାଇବ। ପୋଖରୀ ହୁଡ଼ାକୁ ସମ୍ପୂର୍ଣ୍ଣ ମଳମୁକ୍ତ କରାଯାଇଛି। ଜଳର ସ୍ଥାୟିତ୍ୱ ଆମର ଦାୟିତ୍ୱ ନାରା ଦେଇ ଜଳକୁ ସଂରକ୍ଷଣ କରି ରଖାଯାଇଛି। ଗାଁ ଲୋକଙ୍କ ଏକତା ଓ ଉଦ୍ୟମ ବିକାଶମୂଳକ ଯୋଜନାକୁ ସଫଳ ରୂପାୟନ କରିବା ଦିଗରେ ସହାୟକ ହୋଇଛି। ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ ଜିଲାର ଅନ୍ୟ ଗ୍ରାମରେ ଥିବା ପୋଖରୀମାନଙ୍କରେ କରାଯିବ ବୋଲି ଗ୍ରାମବିକାଶ ପ୍ରକଳ୍ପ ସଂଯୋଜକ ପବିତ୍ର ମୋହନ ସାହୁ ସୂଚନା ଦେଇଛନ୍ତି।

### ଟେନିସ୍ ପ୍ରତିଯୋଗିତା ଉଦ୍‌ଯାପିତ

**ପୁରୀ ଅଫିସ, ୩।୧୧**

ପୁରୀ ଟେନିସ୍ ଆସୋସିଏଶନ ଆନୁକୂଲ୍ୟରେ ପୁରୀ କ୍ଲବରେ ଦୁଇ ଦିନ ଧରି ଚାଲିଥିବା ସବ୍ ଜୁନିୟର ଟେନିସ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। କ୍ଲବ ସମ୍ପାଦକ ସୁନିଲ ମହାପାତ୍ର ଓ କୋଷାଧ୍ୟକ୍ଷ ଭୀମସେନ ପାତ୍ର ଅତିଥି ଭାବେ ଯୋଗଦେଇ କହିଲେ ଯେ, ପିଲାଙ୍କ ମଧ୍ୟରେ ଟେନିସ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଏହି ପ୍ରତିଯୋଗିତା ବେଶ ସହାୟକ ହେବ। ୮ ଓ ୧୦ ବର୍ଷରୁ କମ୍ ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୦ବର୍ଷରୁ କମ୍ ବାଳକ ବର୍ଗରେ ସାଇ ସ୍ୱାତିକ ଓ ଜ୍ୟୋତି ପାତ୍ରୀ ଯଥାକ୍ରମେ ବିଜେତା ଓ ରନର୍ସ ଅପ ହୋଇଥିଲେ। ବାଳିକା ବର୍ଗରେ କ୍ରିଷ୍ଣା ରାଜ ବିଜେତା ଓ ଶୁଭ୍ରା ପ୍ରିୟଦର୍ଶିନୀ ରନର୍ସ ହୋଇଛନ୍ତି। ସେହିପରି ୮ବର୍ଷରୁ କମ୍ ବାଳକ ବର୍ଗରେ ଶୁଭମ୍ ଦାସ ଓ କୃତିତ୍ୱ ରାଉତ ଏବଂ ବାଳିକା ବର୍ଗରେ ପ୍ରିୟଦର୍ଶିନୀ ଓ ଇ.ପାରିକ ଯଥାକ୍ରମେ ବିଜେତା ଓ ରନର୍ସଅପ ହୋଇଛନ୍ତି। ଟେନିସ୍ କୋଚ ସୁଶାନ୍ତ ଦାଶ ଏହାକୁ ପରିଚାଳନା କରିଥିବାବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

■ ନବଜାତ ଶିଶୁ ବିକ୍ରି ସନ୍ଦେହ ଘଟଣା

# ନର୍ସ ଓ ଅଭିଯୁକ୍ତ ମହିଳା ଥାନାରେ ଅଟକ

**ନୂଆଗାଁ,୩।୧୧(ଡି.ଏନ.ଏ.)**

ବାହାଡାଖୋଲା ଡାକ୍ତରଖାନା।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲୀ ପଞ୍ଚାୟତ ତଥା ଓଡଗାଁଥାନା ବାହାଡାଖୋଲା ଫାଣ୍ଡି ଅଧୀନ ବେତନଟୀ ଗ୍ରାମର ଜଣେ ବିଧବା ବାହାଡାଖୋଲା ଡାକ୍ତରଖାନାରେ ଏକ କନ୍ୟାସନ୍ତାନ ଜନ୍ମଦେଇ ତାକୁ ବିକ୍ରି କରି ଦେଇଥିବା ନେଇ ଗ୍ରାମବାସୀ ସନ୍ଦେହ କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ପୋଲିସର ତତ୍ପରତା ପ୍ରକାଶ ପାଇଛି। ଓଡଗାଁ ପୋଲିସ ବାହାଡାଖୋଲା ଡାକ୍ତରଖାନା ଯାଇ ଜନ୍ମିତ ଶିଶୁ ସମ୍ବନ୍ଧୀୟ ରେଜିଷ୍ଟର ଜବତ କରିବା ସହ ନର୍ସ ଗୀତାଞ୍ଜଳି ପତି ଓ ବିଧବା ମହିଳାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରିରଖିଛି । ଓଡଗାଁ ଆଇଆଇସି ମମତା ପତିଙ୍କ ସୂଚନା ଅନୁସାରେ ବିଧବା ମହିଳା ଶିଶୁ କନ୍ୟା ଜନ୍ମ ଦେଇଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ତିନିଗୋଟି ସନ୍ତାନ ଥିବାବେଳେ ଶିଶୁ କନ୍ୟାକୁ ସେ ପାଳନ କରିବା ଅସମ୍ଭବ ଭାବି ଅନ୍ୟ ହାତରେ ଟେକି ଦେବାକୁ ଯୋଜନା କରିଥିଲେ। ହେଲେ ସେଭଳି ସଦୃହୟ ବ୍ୟକ୍ତି ମିଳି ନ ଥିଲେ। ପର ମୁହୂର୍ତ୍ତରେ ତା'ର ମୃତ୍ୟୁ ହୋଇଥିବା କହିଛନ୍ତି ମହିଳା। ଏହାର ତଦନ୍ତ ଜାରି ରହିଛି । ଯଦି ଶିଶୁଟି ବଞ୍ଚିଥିବା ଅବସ୍ଥାରେ ମିଳିବ ତେବେ ତାକୁ ସୁରକ୍ଷା ଓ ଦାୟିତ୍ୱର ସହ ରଖିବା ବ୍ୟବସ୍ଥା କରାଯିବ।

ସୂଚନାଯୋଗ୍ୟ ବେତନଟୀ ଗ୍ରାମର ବିଧବା ମହିଳା ଗତ ୧୯ ତାରିଖରେ ବାହାଡାଖୋଲା ଡାକ୍ତରଖାନା ଆସି ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। କିନ୍ତୁ ପରଦିନ ସେ ଶିଶୁକୁ ନ ନେଇ ଖାଲି ହାତରେ ଗ୍ରାମକୁ ଫେରିଥିଲେ। ଗ୍ରାମବାସୀ ଶିଶୁ ବିଷୟରେ ପଚାରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବୋମା ପକାଇ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଗ୍ରାମର ମହିଳାପୁରୁଷ ବାହାଡାଖୋଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ସେ ସମୟରେ ଗ୍ରାମରକ୍ଷୀ ଯୁଧିଷ୍ଠିର ନାୟକ ଶିଶୁଟିକୁ ଦୁଇଜଣ ଡାକ୍ତରଖାନା କର୍ମଚାରୀ ଓ ବିଧବା ମହିଳା ମିଶି ଛଅ ହଜାର ଟଙ୍କାରେ ବିକ୍ରି କରିଦେଇଥିବା କହିଥିଲେ। କିନ୍ତୁ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ତଦନ୍ତରୁ ଜଣାପଡିଥିବା କହିଛନ୍ତି ଆଇଆଇସି ପତି।

■ ଖଣ୍ଡପଡ଼ା ବ୍ଲକ: ୫ମ ଶ୍ରେଣୀ ମେଧାବୃତ୍ତି ଫଳ ପ୍ରକାଶିତ

## ମେଧାବୃତ୍ତିରେ ଶିବାଶିଷ, ଗରିବ ମେଧାବୃତ୍ତିରେ ଲିନା ପ୍ରଥମ

**ଖଣ୍ଡପଡା,୩।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକର ୫ମ ଶ୍ରେଣୀ ମେଧାବୃତ୍ତି ଓ ଗରିବ ମେଧାବୃତ୍ତି ପରୀକ୍ଷା ୨୦୧୯ର ଫଳ ଶୁକ୍ରବାର ପ୍ରକାଶିତ ହୋଇଛି । ଏଥିରେ ୭ ଜଣ ମେଧା ଓ ୭ ଜଣ ଗରିବ ମେଧା ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ମେଧାବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଣ୍ଟିଲୋର ଶିବାଶିଷ ପାଢୀ ପ୍ରଥମ ହୋଇଥିବା ବେଳେ ଗରିବ ମେଧାବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖଣ୍ଡପଡ଼ାର ଲିନା ମହାପାତ୍ର ପ୍ରଥମ ହୋଇଛନ୍ତି।

**ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ (ପାୱାର ୱିଙ୍ଗ୍)**
BHAKRA BEAS NATION'S PRIDE

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଏନ୍‌ଆଇଟି ନଂ.466/ପିଏବ୍‌ବି/ପିଓଏଲ୍‌ଜି-341 ତାରିଖ: 30.10.2019

**କାର୍ଯ୍ୟାଳୟର ନାମ:** ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍‌ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-I, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035

**କାର୍ଯ୍ୟର ନାମ:** ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏବଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ଡ୍ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ବସ୍ତାବିକ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 05.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 06.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-I) | 06.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ସ୍ୱତନ୍ତ୍ରତା ମୂଲ୍ୟ, ବିଶ୍ବସ୍ତ ଏନ୍‌ଆଇଟି ଏବଂ ଅମାନତ ରାଶି ତଥା ସବିଶେଷ ଏନ୍‌ଆଇଟି ପାଇଁ ଦୟାକରି ବିବିଏମ୍‌ବି ଡ୍ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: **www.bbmbeproc.abcprocure.com, www.bbmb.gov.in**

372-PR-SO-7 | ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ

## ବାହାଡାଶୁଣୀ ଟି ୨୦: ପାୱାର ଇଲେଭେନ ବିଜୟୀ

**ଖଣ୍ଡପଡ଼ା,୩।୧୧(ସ୍ୱ.ପ୍ର.):** ମା' ବାହାଡାଶୁଣୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଟି ୨୦ କପ କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ରବିବାର ୫ମ ଲିଗ୍ ମ୍ୟାଚରେ ପାୱାର ଇଲେଭେନ ରମ୍ଭାବିଲ କ୍ରିକେଟ କ୍ଲବ ସୁନାଖଳା ୫୧ ରନରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଖଣ୍ଡପଡ଼ାକୁ ପରାସ୍ତ କରିଛି। ପ୍ରଥମେ ଟସ୍ ଜିତି ରମ୍ଭାବିଲ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଖଣ୍ଡପଡା ଟିମ୍ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୯ ରନ୍ କରିଥିଲା। ବିଜୟୀ ଟିମର ଉମାକାନ୍ତ ବେହେରା ବ୍ୟକ୍ତିଗତ ୩୧ ରନ କରିବା ସହ ବୋଲିଂରେ ୨ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। କାହ୍ନୁ ଚରଣ ବେହେରା ଓ ସନ୍ତୋଷ ଖଟୁଆ ମ୍ୟାଚ ପରିଚାଳନା କରିଥିଲେ। ସୋମବାର ସୁପର ଲାୟନ୍‌ସ ପର୍ଶୁରାମପୁର ଓ ନୟାଗଡ଼ କିଙ୍ଗସ ଟିମ୍ ମଧ୍ୟରେ ୬ଷ୍ଠ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ।

## ମହିଳାଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ଓଡ଼ଗାଁ,୩।୧୧(ସ୍ୱ.ପ୍ର.)**

ଓଡ଼ଗାଁ ଥାନା ବାହାଡ଼ାଖୋଲା ଫାଣ୍ଡି ଅନ୍ତର୍ଗତ ଗୁମୀ ପଞ୍ଚାୟତ ଅଞ୍ଚଳରେ ଜଣେ ମହିଳାଙ୍କୁ ପ୍ରତାରଣା ଅଭିଯୋଗରେ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ଡିମିରିପଲ୍ଲୀ ଗ୍ରାମର ଅଜିତ ମଲ୍ଲିକ(୨୫)। ଅଜିତ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଆସୁଥିଲେ। ମହିଳା ନିକଟସ୍ଥ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅଞ୍ଚଳରେ ୯ବର୍ଷ ପୂର୍ବେ ବିବାହ କରିଥିଲେ। ହେଲେ ପାରିବାରିକ ଅଶାନ୍ତି କାରଣରୁ ସ୍ୱାମୀଙ୍କୁ ଛାଡି ତାଙ୍କ ୮ ବର୍ଷର ଝିଅ ସହିତ ନିଜ ବାପ ଘରେ ରହୁଥିଲେ। ସମ୍ପର୍କୀୟ ଭାଇ ଅଜିତ ତାଙ୍କ ଘରକୁ ଯିବାଆସିବା କରିବା ସହିତ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଆସୁଥିଲେ। ଏପରିସ୍ଥଳେ ମହିଳା ପୁନଃ ଗର୍ଭଧାରଣ କରିବାରୁ ସେ ଅଜିତଙ୍କୁ ତୁରନ୍ତ ବିବାହ କରିବାକୁ କହିଥିଲେ। ଏଥିରେ ଅଜିତ ରାଜି ନ ହୋଇ ଗାଁ ଛାଡି ଅନ୍ୟତ୍ର ଚାଲିଯାଇଥିଲେ। ପୀଡିତା ଗୁରୁବାର ସ୍ଥାନୀୟ ଥାନାରେ ଅଭିଯୋଗ କରିବାରୁ ପୋଲିସ ମହିଳାଙ୍କ ଡାକ୍ତରୀ ମାଇନା କରିବା ସହିତ ୧୯୬/୧୯ରେ ଏକ ମାମଲା ରୁଜୁ କରିଥିଲା। ରବିବାର ପୋଲିସ ଅଜିତ୍‌ଙ୍କୁ ଡାକ୍ତରୀ ମାଇନା କରିବା ପରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ମମତା ପତି ସୂଚନା ଦେଇଛନ୍ତି।

**AUCTION NOTICE**

**"Unserviceable condemned Technical equipments of SIB, Bhubaneswar are to be disposed off"**

Interested parties may inspect the stores to be disposed off during office hours from 10.00 hrs to 13.00 hrs & 15.00 hrs to 18.00 hrs on any working day before 18.11.2019 and submit the sealed quotations by 17.00 hrs on 18.11.2019 along with EMD of Rs. 2,000/- in cash. Quotations will be opened in presence of supervising officers and parties present at 11.30 hrs on 19.11.2019. Quotations of the highest bidder will be accepted as a whole to the best advantage of Govt. and decision of supervising officer will be final.

The highest bidder has to deposit 25% of amount at the spot and remaining 75% has to be deposited within 7 days before lifting of articles failing which the offer will be rejected and amount deposited may be seized. The Head of office reserves the right to cancel any bid without assigning any reason thereof.

**Office Address:** **SIB Office (MHA) Govt. of India, Bidyut Marg, Unit-V, Bhubaneswar.**

*Sd./- Assistant Director*

■ ଶ୍ମଶାନରେ ମୃତଦେହ ସଂସ୍କାରକୁ ନେଇ ବିବାଦ

# ରାସ୍ତାରୋକୋ କଲେ ଗ୍ରାମବାସୀ

**ଖଣ୍ଡପଡ଼ା,୩।୧୧(ସ୍ୱ.ପ୍ର.)**

ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

ଶ୍ମଶାନରେ ମୃତଦେହ ସଂସ୍କାରକୁ କେନ୍ଦ୍ର କରି ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତର ମୁରାରୀପୁର ଓ ପଥରଦ୍ୱାର ଗ୍ରାମ ମଧ୍ୟରେ ବିବାଦ ଦେଖାଦେଇଛି। ଏହାକୁ ନେଇ ରବିବାର ମୁରାରୀପୁର ଗ୍ରାମବାସୀ ଖଣ୍ଡପଡ଼ା-କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାର ବେଣାଗାଡିଆ ସେତୁ ଉପରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ।

ପ୍ରକାଶ ଯେ, ମୁରାରୀପୁର ଗ୍ରାମର ଶତାୟୁ ମହିଳା ମଢି ରାଉତଙ୍କର ରବିବାର ସକାଳୁ ପରଲୋକ ହୋଇଯାଇଛି। ପୁରୁଷ ପୁରୁଷ ଧରି ଗ୍ରାମବାସୀ ନିକଟସ୍ଥ ପଥରଦ୍ୱାର ଗ୍ରାମ ଶ୍ମଶାନରେ ଶବ ସଂସ୍କାର କରିଥାନ୍ତି । ମଢିଙ୍କ ମୃତ୍ୟୁ ପରେ ଶବ ସଂସ୍କାର ପାଇଁ ପରିବାର ବର୍ଗ ଉକ୍ତ ଶ୍ମଶାନକୁ ନେଇଥିଲେ। ହେଲେ ପଥରଦ୍ୱାର ଗ୍ରାମର କେତେକ ବ୍ୟକ୍ତି ସେମାନଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ସରପଞ୍ଚ ପଥରଦ୍ୱାର ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନ ଥିଲା । ଫଳରେ ମୁରାରୀପୁର ଗ୍ରାମର ଶତାଧିକ ମହିଳାପୁରୁଷ ଖଣ୍ଡପଡ଼ା-କ

ଅଦରକାରୀ ଆଲୋଚନା ଏକ ଅପରାଧ, ଏଣୁ ଭଦ୍ର ମଣିଷ ଜାଣିଶୁଣି ନୀରବତା ରକ୍ଷା କରନ୍ତି।
- ଇନ୍ଦିରା ଗାନ୍ଧୀ



## ସଂକ୍ଷେପରେ

### ମ୍ୟୁନିସିପାଲିଟି ଆବର୍ଜନାସ୍ଥଳରେ ମହାପ୍ରସାଦ

**ପୁରୀ ଅଫିସ, ୩।୧୧:** ପୁରୀ ମ୍ୟୁନିସିପାଲିଟି ଆବର୍ଜନାସ୍ଥଳରେ ପଡିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ। ରେଲୱେ ପର୍ଯ୍ୟଟନ ପରିସର ହବିଷିଆଳି ଶିବିରର ଏଭଳି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶିବିରରୁ ବାହାରୁଥିବା ବର୍ଜ୍ୟବସ୍ତୁ ପାଇଁ ପୌର ପ୍ରଶାସନ ପକ୍ଷରୁ ସେଠାରେ ବ୍ୟବସ୍ଥା କରାଯାଇଥିବାବେଳେ ବଳକା ଅବଢ଼ାକୁ ଫିଙ୍ଗି ଦିଆଯାଉଥିବା ଦେଖିବାକୁ ମିଳିଛି। ଏନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶିବିର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱହୀନତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଜିଲା ପ୍ରଶାସନ ଆନୁକୂଲ୍ୟରେ ନରେନ୍ଦ୍ରକୋଣ, ପୌର କଲ୍ୟାଣମଣ୍ଡପ ଏବଂ ରେଲୱେ ପର୍ଯ୍ୟଟନ ପରିସରରେ ତିଆରି ହୋଇଛି ହବିଷିଆଳି ଶିବିର। ଅପରାହ୍ନରେ ହବିଷିଆଳିଙ୍କ ଲାଗି ମହାପ୍ରସାଦର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟା ୫ଟା ପରେ ହବିଷିଆଳିମାନେ ମହାପ୍ରସାଦନ ସେବନ କରିଥାନ୍ତି। ତେବେ ବଳକା ରହିଯାଉଥିବା ଅବଢ଼ା ଡାଲମା ଏବଂ ବେସର ଆଦିକୁ ଆବର୍ଜନାସ୍ଥଳରେ ପକାଇ ଦିଆଯାଉଛି। ଖାଦ୍ୟ ଲାଳସାରେ ଏଥିରେ କୁକୁର ପଶି ଏଣେତେଣେ ପକାଉଛନ୍ତି। ଶିବିର ଦାୟିତ୍ୱରେ ରହିଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ ଖବର ନାହିଁ। ମୁଁ ରାତି ୧୦ଟା ଠାରୁ ସକାଳ ୬ଟା ପର୍ଯ୍ୟନ୍ତ ଡ୍ୟୁଟି କରୁଛି। ମହାପ୍ରସାଦ ପୌର ପ୍ରଶାସନ ଆବର୍ଜନାସ୍ଥଳରେ ପକାଯିବା ନିହାତି ଭାବେ ନିନ୍ଦନୀୟ। ଏହାର ଯେପରି ପୁନରାବୃତ୍ତି ନ ଘଟିବା ସେଥିପ୍ରତି ଦୃଷ୍ଟି ଦିଆଯିବ।

### ବନ ବିଭାଗ ପକ୍ଷରୁ ୩ କାଠଗଣ୍ଡି ଜବତ

**ଦଶପଲ୍ଲା,୩।୧୧(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକ ସାକେଣୀ ଗ୍ରାମ ନିକଟ ପୋଖରୀଠାରୁ ରବିବାର ୩ଟି କାଠ ଗଣ୍ଡିକୁ ବନ ବିଭାଗ ତରଫରୁ ଜବତ କରାଯାଇଛି। ୨ଟି ଶାଳ ଓ ଗୋଟିଏ କୁରୁମ ଗଣ୍ଡି ବାହାରକୁ ଚାଲାଣ ଉଦ୍ଦେଶ୍ୟରେ ରଖାଯାଇଥିବା ବେଳେ ସାକେଣୀ ବନପାଳ ମନୋଜ ପ୍ରଭାକର ସାହୁ, ବନରକ୍ଷୀ ନାରାୟଣ ମହାରଣା ଚଢ଼ାଉ କରି ତାହାକୁ ଜବତ କରିଥିଲେ। ୧୭ ଘନଫୁଟ କାଠର ମୂଲ୍ୟ ୨୫ ହଜାର ଟଙ୍କା ହେବ ବୋଲି ବନ ବିଭାଗ ତରଫରୁ ଜଣାଯାଇଛି।

■ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ

# ଆକର୍ଷଣ ସାଜିଲା କୁନି ପିଲାଙ୍କ ଯୋଗ

**ଗନ ମୋହିଲା ମହିଳାଙ୍କ ସଂକୀର୍ତ୍ତନ**

**ପୁରୀ ଅଫିସ, ୩।୧୧**

ଯୋଗ ଶରୀର, ମନ ଓ ଆତ୍ମାକୁ ସଂଯମ କରିବାର ଏକ ଆଧ୍ୟାତ୍ମିକ ପଦ୍ଧତି। ଯୋଗ ପାରମ୍ପରିକ ବୈଦିକ ଷଡ଼ ଦର୍ଶନ ମଧ୍ୟରେ ଅନ୍ୟତମ। ଦୈନିକ ଯୋଗାଭ୍ୟାସ ମଣିଷ ମନକୁ ଶାନ୍ତ ଏବଂ ଖୁସି ରଖିଥାଏ। ରବିବାର ସକାଳେ ଏମାର ମଠ ଚକଡାରେ ସମ୍ପୂର୍ଣ୍ଣ ପରିବେଶ ହୋଇଥିଲା ଯୋଗମୟ। ମଞ୍ଚ ଉପରେ କୁନି କୁନି ପିଲା ବିଭିନ୍ନ ପ୍ରକାର ଯୋଗ ପ୍ରଦର୍ଶନ କରିଥିଲେ। ଏହି କଷ୍ଟସାଧ୍ୟ ଯୋଗ ଦେଖଣାହାରୀଙ୍କୁ ବେଶ୍ କିଛି ସ୍ତମ୍ଭୀଭୂତ କରିଦେଇଥିଲା। ରବିବାର ସକାଳେ ସିଂହଦ୍ୱାର ସମ୍ମୁଖରେ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମରେ ପୁରୀର ଶ୍ରୀଜଗନ୍ନାଥ ଯୋଗ ବେଦାନ୍ତ ସଂସ୍କୃତ କେନ୍ଦ୍ର ପକ୍ଷରୁ ଏହିଭଳି କିଛି ଯୋଗ ପ୍ରଦର୍ଶନ କରାଯାଇଥିଲା।

ପ୍ରଥମେ ଶଙ୍ଖଧ୍ୱନି ଏବଂ ଶ୍ରୀମନ୍ଦିର ପରିସର ବେଦ ପାଠଶାଳାର ଶିକ୍ଷକ ଓ ଛାତ୍ରଙ୍କ ବେଦଧ୍ୱନି ସହ ଅରୁଣ ସ୍ତମ୍ଭ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତ୍ତି କରିଥିଲେ। ପରେ ପୁରୀ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଶ୍ରୀଗୀତଗୋବିନ୍ଦ ନୃତ୍ୟ (ଓଡ଼ିଶୀ) ପରିବେଷଣ କରାଯାଇଥିଲା। ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଧର୍ମଗ୍ରନ୍ଥ ପାଠ କରିବା ଅବସରରେ ଶ୍ରୀମଦ୍ ଭଗବତ ଗୀତାର ୧/୨ଟି ଶ୍ଳୋକ ଓ ଏହାର ବ୍ୟାଖ୍ୟା କରିଥିଲେ। ପରେ ସାମୂହିକ ପ୍ରାର୍ଥନାରେ ଡ. ନରେଶ ଚନ୍ଦ୍ର ଦାଶ ପତିତପାବନ ବାନା ଆଉ କେତେ ବେଳକୁ, ଭାସିଗଲି ଭବଜଳେ ନାବ ଦିଅ କୁଳକୁ... ପ୍ରାର୍ଥନା ଗାନ କରିଥିଲେ। ତାଙ୍କ ସହିତ ତାଳଦେଇ ଉପସ୍ଥିତ ଶ୍ରଦ୍ଧାଳୁ ଏହି ପ୍ରାର୍ଥନା ବୋଲିଥିଲେ। ଶ୍ରୀମନ୍ଦିର ସମ୍ମୁଖରେ ଏହି ପ୍ରାର୍ଥନା ବୋଲା ଯାଉଥିବା ବେଳେ ଅନେକ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇପଡୁଥିଲେ। କେହି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୁଇହାତକୁଟେକି ଦେଉଥିଲେ ତ ଆଉ କେହି ବସିବା ଜାଗାରେ ମୁଣ୍ଡିଆଟିଏ ମାରି ଠାକୁରଙ୍କ ନିକଟରେ ନିଜକୁ ସମର୍ପି ଦେଉଥିଲେ। ଯୋଗ ପରେ ମଞ୍ଚରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପ୍ରଥମେ ରାଧାମୋହନ ବିଶୋଇ ଓ ସାଥୀଙ୍କ ପକ୍ଷରୁ ସଂକୀର୍ତ୍ତନ କରାଯାଇଥିଲା। ତେବେ ମହିଳାମାନଙ୍କ ଦ୍ୱାରା ପରିବେଷିତ ସଂକୀର୍ତ୍ତନ ସମସ୍ତଙ୍କ ମନ ମୋହିଥିଲା। ଏତଦ୍‌ବ୍ୟତୀତ ରଙ୍ଗୋଲି ଏବଂ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଦୁର୍ଗାମାଧବ କର ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା।

ଯୋଗ ମୁଦ୍ରାରେ ପିଲାମାନେ।

■ ସୁଲେଖାର ବାର୍ଷିକ ସାରସ୍ୱତ ସମାରୋହ

# ସାହିତ୍ୟିକ ଉନ୍ନତ ସମାଜ ଗଠନରେ ପ୍ରୟାସ କରିଥାନ୍ତି

**ପୁରୀ ଅଫିସ, ୩।୧୧**

ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଗୁଣ୍ଡିଚା ଭକ୍ତ ନିବାସ ସଭାକକ୍ଷରେ ରବିବାର ସୁଲେଖା ସାହିତ୍ୟ ପତ୍ରିକାର ୩୯ତମ ବାର୍ଷିକ ସାରସ୍ୱତ ସମାରୋହ, ରାଜ୍ୟସ୍ତରୀୟ କବି ଲେଖକ ସମ୍ମେଳନ ଓ ଜିଲାସ୍ତରୀୟ ସାରସ୍ୱତ ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସୁଲେଖାର ମୁଖ୍ୟ ସମ୍ପାଦକ ସଦାଶିବ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ, ସାହିତ୍ୟିକମାନେ ସମାଜର ଦୋଷ ଦୁର୍ବଳତାକୁ ଲେଖନୀ ମୁନରେ ପ୍ରକାଶ କରି ଉନ୍ନତ ସମାଜ ଗଠନ ଦିଗରେ ପ୍ରୟାସ କରିଥାନ୍ତି। ମୁଖ୍ୟଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ସରକାରୀ ସ୍ତରରେ ଭାଷା ସାହିତ୍ୟର ବିକାଶ ପାଇଁ ବିହୀତ ପଦକ୍ଷେପ ନେବା, ପତ୍ରିକା ସମ୍ପାଦକ ଓ ପ୍ରକାଶକମାନଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ନିର୍ଦ୍ଦେଶକ ସହର ବିକାଶ ଯୋଜନା ମୀନକେତନ ଦାସ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ସେବାୟତ ଭଗବାନ ସୁଆର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ପ୍ରଥମ ପର୍ଯ୍ୟାୟରେ ଡ. ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ସଭାପତିତ୍ୱରେ ଶିବସୁନ୍ଦର ମିଶ୍ର ଓ ବାହାଦୂର ପାଟଶାଣୀଙ୍କ ସଂଯୋଜନାରେ କବିମାନେ କବିତା ପାଠ କରିଥିଲେ। ଏହି ଅବସରରେ ସୁଲେଖାର ୩୯ତମ ବାର୍ଷିକ ସଂଖ୍ୟା ଓ ପ୍ରମୋଦା ଦେବୀଙ୍କ ଗଦ୍ୟ ସଂକଳନ ଭାବଗ୍ରାହୀକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ କବିସୂର୍ଯ୍ୟ ମିଶ୍ରଙ୍କୁ ସୁଲେଖା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଗୋଲାପ ମଞ୍ଜରୀ କର, ସୁବାସ କର, କବି ଅଜୟ ପ୍ରଧାନ, ଡ. ନିର୍ମଳା କୁମାର ମହାପାତ୍ର, ଡ. ପ୍ରମୋଦ କୁମାର ଦାସ, ଅଖଣ୍ଡ, ଇଂ. ଗୌରଚନ୍ଦ୍ର ମହାପାତ୍ର, ଆଶାଲତା ଦାସ, ଡ. ଦୁର୍ବାଦଳ ମେହେର, କାଳୀପଦ ପଣ୍ଡା, ବେଣୁଧର ସୂତାର, ପ୍ରହାସିନୀ ପାଢ଼ୀ, କରୁଣାକର ଦାସ, ଆର୍ତ୍ତତ୍ରାଣ ମହାପାତ୍ର, ରମେନ୍ଦ୍ର କୁମାର, ସୁଧା ପଟ୍ଟନାୟକ, ପରୀକ୍ଷିତ ସାହୁ, ସୁଧାଂଶୁଶେଖର ପଟ୍ଟନାୟକ, ସଦାନନ୍ଦ ପାଣିଗ୍ରାହୀ, ଗୀତାମୟୀ ମହାପାତ୍ର, ମାତୃପ୍ରସାଦ ଶତୃଜିତ, ବୀଣାପାଣି ପଟ୍ଟନାୟକ, ଦିବ୍ୟଲୋଚନ ଭାରୀମଲ୍ଲ, ରଜନୀକାନ୍ତ ପାଢ଼ୀ, ପ୍ରକାଶ ଚନ୍ଦ୍ର ସାହୁ, ଶାନ୍ତିପ୍ରିୟା ମିଶ୍ର, ବୃନ୍ଦାବନ ବଡତ୍ୟା, ଲମ୍ବୋଦର ବେହେରା, ପ୍ରଭାସିନୀ ଠାକୁର, ଦୁର୍ଗାମାଧବ କରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଲକ୍ଷ୍ମୀଧର ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନୁଷ୍ଠାନର ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।

## ବସ୍‌ଷ୍ଟାଣ୍ଡରେ ଅଭିଯୋଗ ଶୁଣିଲେ ମନ୍ତ୍ରୀ

ମନ୍ତ୍ରୀ ସାହୁ ଜଣେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

**ନୟାଗଡ଼ ଅଫିସ,୩।୧୧**

ନୟାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ରବିବାର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ନୟାଗଡ଼ ବ୍ଲକ ଓ ମ୍ୟୁନିସିପାଲିଟିର ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡିକୁ ସେ ନିଜ ଖାତାରେ ଟିପି ରଖିବା ସହିତ ସମ୍ପୃକ୍ତ ବିଭାଗ ପାଖକୁ ପଠାଇ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ସାହୁ ମନ୍ତ୍ରୀ ହେବା ପରେ ପ୍ରତି ମାସର ଶେଷ କିମ୍ବା ପ୍ରଥମ ରବିବାର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ରବିବାର ସେ ୧୫୦ ଲୋକଙ୍କ ଅଭିଯୋଗ ଶୁଣିଥିଲେ।

## ଚିଲିକା ବ୍ଲକ୍ ଓଷ୍ଟା ଶାଖାର ସାଧାରଣ ବୈଠକ

**ଚିଲିକା,୩।୧୧(ଡ଼ି.ଏନ୍.ଏ.)**

ଚିଲିକା ବ୍ଲକ୍ କୁମାଣ୍ଡୋଳସ୍ଥିତ ଯୁବଜ୍ୟୋତି ହାଇସ୍କୁଲ ପରିସରରେ ୧୨ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ବୈଠକ ବ୍ଲକ୍ ସମ୍ପାଦକ ଆଶିଷ କୁମାର ପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକମାନଙ୍କର ତଥା ବିଭିନ୍ନ ବିଦ୍ୟାଳୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଓଷ୍ଟା ଚିଲିକା ବ୍ଲକ୍ ସଭାପତି ଅଶୋକ କୁମାର ପଣ୍ଡିତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାଶ, ରାଜ୍ୟ ଯୁଗ୍ମ ସମ୍ପାଦକ ମଧୁସୂଦନ ଦାସ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶିଶିର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ।

## ବାଦୀପାଲା ଉଦ୍‌ଯାପିତ

**ଚିଲିକା,୩।୧୧(ଡ଼ି.ଏନ୍.ଏ.)**

ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମ ବିଜେ ଶ୍ରୀ ଶ୍ରୀ ବୃନ୍ଦାବନ ଚନ୍ଦ୍ରଙ୍କ ପୀଠରେ ଗତ ଅକ୍ଟୋବର ୨୯ ତାରିଖରେ ଆରମ୍ଭ ହୋଇଥିବା ବାଦୀପାଲା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ପାଲାଗାୟକ ଲକ୍ଷ୍ମୀଧର ଦାଶ ଓ ବିଚିତ୍ରାନନ୍ଦ ପଣ୍ଡାଙ୍କ ବାଦୀପାଲା ଉପଭୋଗ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

■ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

# ଜ୍ଞାନୀଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ଜ୍ୟୋତିଃସ୍ୱରୂପ

**ପୁରୀ ଅଫିସ, ୩।୧୧**

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ନଭେମ୍ବର ମାସ ଆଲୋଚନାଚକ୍ର ରବିବାର ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଗୋପାଳକୃଷ୍ଣ ଦାଶ ସଭାପତିତ୍ୱ କରିଥିବାବେଳେ ଆଲୋଚ୍ୟ ବିଷୟ ଜ୍ଞାନମିଶ୍ରା ଭକ୍ତି ଓ ଶ୍ରୀଜଗନ୍ନାଥ ଉପରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଉମେଶ ଚନ୍ଦ୍ର ଚିହ୍ନରା ଓ ଡ. ନୃସିଂହ ଚରଣ ସାହୁ। ସମ୍ପାଦକ ଡ. ଶ୍ରୀନିବାସ ଆଚାର୍ଯ୍ୟ ଏହାକୁ ସଞ୍ଚାଳନ କରିଥିଲେ।

ଭକ୍ତିକୁ ସ୍ଥୁଳତଃ ଶ୍ରଦ୍ଧା ଓ ଜ୍ଞାନମିଶ୍ରା ଦୁଇଭାଗରେ ବିଭକ୍ତ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଉଭୟ ମାର୍ଗୀ ଆରାଧନା କରୁଥିଲେ ହେଁ ମଧ୍ୟ ଜ୍ଞାନମିଶ୍ରା ଉପାସକ ତାଙ୍କୁ ଠୁଳ ଶୂନ୍ୟ, ଅକ୍ଷରବ୍ରହ୍ମ ଏବଂ ଅଣାକ୍ଷରର ପ୍ରତିଭୂ ରୂପେ ସ୍ୱୀକାର କରନ୍ତି। ରତ୍ନସିଂହାସନାରୂଢ଼ା ସପ୍ତାବରଣଯୁକ୍ତ ମହାପ୍ରଭୁ ପ୍ରଣବତତ୍ତ୍ୱର ପରିପ୍ରକାଶ ଅଟନ୍ତି। ଜ୍ଞାନମିଶ୍ରା ଭକ୍ତି ଯୋଗର ଉପାସକ ଶରୀର ମଧ୍ୟରେ ମହାପ୍ରଭୁଙ୍କୁ ଉପଲବ୍ଧି କରିବା ପାଇଁ ଯୋଗ ସାଧନାକୁ ଆପଣେଇଥାଏ। ବ୍ରହ୍ମଜ୍ଞାନ ହେଉଛି ଆତ୍ମଜ୍ଞାନର ବିକାଶ ମାତ୍ର। ଜ୍ଞାନମିଶ୍ରା ଭକ୍ତିର ପ୍ରମୁଖ ଉପସାକ ଥିଲେ ଉଦ୍ଧବ। କିନ୍ତୁ ଗୋପୀମାନେ ରାଗାନୁଗା ଭକ୍ତିର ଉପାସିକା ଥିଲେ। ଏଥିପାଇଁ ଉଦ୍ଧବଙ୍କ ଦୃଷ୍ଟିରେ ଶ୍ରୀକୃଷ୍ଣ ପରଂବ୍ରହ୍ମ କିନ୍ତୁ ଗୋପୀମାନେ ତାଙ୍କୁ ନିଜ ଆତ୍ମାର ଅବିଚ୍ଛେଦ୍ୟ ରୂପେ ଗ୍ରହଣ କରି କାୟମନୋ ବାକ୍ୟରେ କୃଷ୍ଣଗତପ୍ରାଣା ହୋଇଥିଲେ। ଜ୍ଞାନୀମାନଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ଜ୍ୟୋତିଃସ୍ୱରୂପ ଅଟନ୍ତି। ସେ ଷଟ୍‌ଚକ୍ର ସାଧନାର ସହସ୍ରାଧାର ଚକ୍ରରେ ବାସ କରନ୍ତି। ସ୍ରଷ୍ଟା ତଥା ସୃଷ୍ଟିଶକ୍ତି, ସୃଷ୍ଟିର ଉପାଦାନ ଏବଂ ସୃଷ୍ଟିର ପ୍ରଥମ ସ୍ଫୁରଣ ରୂପେ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧାବିଗ୍ରହ ସିଂହାସନରେ ବିରାଜିତ ଅଛନ୍ତି। ବିଶ୍ୱ ସୃଷ୍ଟିର ଏପରି ସୂକ୍ଷ୍ମ ପରିକଳ୍ପନା ବୋଧହୁଏ ଆଉ କେଉଁଠି ପରିଦୃଷ୍ଟ ହୁଏ ନାହିଁ। ସମଗ୍ର ବିଶ୍ୱ ଅବା ସତେ ଏ ମୂର୍ତ୍ତିରେ ଅଭିବାଞ୍ଛିତ। ଜ୍ଞାନୀର ଜ୍ଞାନଦୃଷ୍ଟିରେ ହିଁ ଏହି ତତ୍ତ୍ୱକୁ ଉପଲବ୍ଧି କରିବା ସମ୍ଭବପର।

ଆଲୋଚନାଚକ୍ରରେ ଡ. ଭାସ୍କର ମିଶ୍ର, ଡ. ଶରତ କୁମାର ସାହୁ, ଡ. କଲ୍ୟାଣୀ ନନ୍ଦୀ, ସତ୍ୟନାରାୟଣ ମିଶ୍ର, ଦିଗମ୍ବର ମହାନ୍ତି, ଡ. ପ୍ରମୋଦ କୁମାର ଦଳେଇ, ନାରାୟଣ ନନ୍ଦ, ଅନାମଚନ୍ଦ୍ର ସାହୁ, ଶ୍ୟାମପ୍ରକାଶ ସେନାପତି, ମୀରା ମହାନ୍ତି, ହେମନ୍ତ କୁମାରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବୈଠକ।

## ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସଂଘ ବୈଠକ

**ନୟାଗଡ଼ ଅଫିସ,୩।୧୧:** ନୟାଗଡ଼ ଜିଲା ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସଂଘର ୨ୟ ଅଧିବେଶନ ରବିବାର ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଭିମନ୍ୟୁ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ସାହୁ ନିଜ ବକ୍ତବ୍ୟରେ ପୋଲିସ କର୍ମଚାରୀମାନେ ଜୀବନବ୍ୟାପୀ ଲୋକମାନଙ୍କୁ ସେବା ଦେଉଥିବା ବେଳେ ଅବସର ପରେ ଘରେ ବସିଥାନ୍ତି। ବର୍ତ୍ତମାନ ସଂଘ ମାଧ୍ୟମରେ ସମସ୍ତେ ଏକାଠି ହୋଇ ସମାଜସେବା କରିବାକୁ ସେ ଆହ୍ୱାନ ଦେଇଥିଲେ। ଚାରା ରୋପଣ, ଦୁଃଖୀ ଲୋକଙ୍କୁ ସାହଯ୍ୟ, ଜରାଶ୍ରମ କେନ୍ଦ୍ର ବୁଲିବା ସହ ଜନସଚେତନତା ଆଦି କାର୍ଯ୍ୟକ୍ରମ କରିବା ପାଇଁ ସେ କହିଥିଲେ। ଏସ୍‌ପି ଶଶିଭୂଷଣ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲାର କୌଣସି ଥାନାରେ କର୍ମଚାରୀ ଅବସର ଗ୍ରହଣ କଲେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସଂଘର ରାଜ୍ୟ ସଭାପତି ସୂର୍ଯ୍ୟମଣି ତ୍ରିପାଠୀ, ଅବସରପ୍ରାପ୍ତ ଏସ୍‌ପି ଦେବପ୍ରସାଦ ମଜୁମଦାର, ନୀଳମୋହନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

■ ଶରଣକୁଳ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ

# ୨-୧ ଗୋଲ୍‌ରେ ସଂଘର୍ଷ କ୍ଲବ ବିଜୟୀ

**ନୟାଗଡ଼ ଅଫିସ,୩।୧୧**

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ୬୦ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ଚାଲୁ ରହିଛି। ତୃତୀୟ ଦିନରେ ସଂଘର୍ଷ କ୍ଲବ ଭୁବନେଶ୍ୱର ଓ ସାଇ ହଷ୍ଟେଲ କଟକ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳର ୧୨ ମିନିଟରେ ସାଇ ହଷ୍ଟେଲ ଦଳର ୧୪ ନମ୍ବର ଖେଳାଳି ପ୍ରଭାତ କୁମାର ଗୋଟିଏ ଗୋଲ୍ ସ୍କୋର କରି